ଆଜି - ସୋମବାର
ତାରିଖ - ୨୦ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୭
ତିଥି - ତୃତୀୟା, ଚତୁର୍ଥୀ ପକ୍ଷ-ଶୁକ୍ଳ
ନକ୍ଷତ୍ର - କ୍ଷୟ, ରୋହିଣୀ, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୯: ୦୦
ସୂର୍ଯ୍ୟାସ୍ତ - ୬ : ୦୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସଂକଟ ଓ ଅଚଳାବସ୍ଥା ମଧ୍ୟ କିଛି ଶିକ୍ଷା ଦେଇଥାଏ, ଆଉ ତାହା ହେଉଛି- ସେଗୁଡ଼ିକ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଥାନ୍ତି ।"

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 07 R.N.I. REGD. No. 44026/86 ବାଲେଶ୍ୱର ୨୦ ଅପ୍ରେଲ ୨୦୨୬ ସୋମବାର BALASORE 20 APRIL 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଆସନ୍ତାକାଲି ରାଉରକେଲାରେ ୪ଟି ପ୍ରକଳ୍ପର ଲୋକାର୍ପଣ କରିବେ ରାଷ୍ଟ୍ରପତି

ରାଉରକେଲା : ଆସନ୍ତା ୨୧ତାରିଖରେ ଓଡ଼ିଶା ଆସୁଛନ୍ତି



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଉରକେଲାରେ ୪ଟି ପ୍ରକଳ୍ପର କରିବେ ଲୋକାର୍ପଣ । ଆସନ୍ତା ୨୧ ତାରିଖ ସକାଳେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ବାହାରି ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବା ପରେ ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟରରେ ଉଡ଼ାଣ ଭରି ପୂର୍ବାହ୍ନ ୧୧ଟା ୧୦ମିନିଟ୍ ରାଉରକେଲା ବିମାନ ବନ୍ଦରରେ ଅବତରଣ କରିବେ । ଆଦିବାସୀ ସଂସ୍କୃତି ପରମ୍ପରା ଆଦିବାସୀ ନୃତ୍ୟରେ ମହାମହିମ ରାଷ୍ଟ୍ରପତି ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ କରିବାର ସରିଛି ସମସ୍ତ ପ୍ରସ୍ତୁତି । ରାଷ୍ଟ୍ରପତି ବିମାନ ବନ୍ଦରରୁ ସିଧାସଳଖ ଭାବେ ଯାଇ ପହଂଚିବେ ରାଉରକେଲା ଓ୍ୱାନ୍ରେ । ରାଉରକେଲା ଓ୍ୱାନ ପରିସରରେ ୪୮କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା କମାଣ୍ଡ କଂଟ୍ରୋଲ ରୁମ୍କୁ ଲୋକାର୍ପଣ କରିବେ । ଯେଉଁଠାରୁ ରାଉରକେଲା ସହର ସିସିଟିଭି ନଜରରେ ରହିବ । ଏହାସହ ୪୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଆଦିବାସୀ ସଂଗ୍ରାହଳୟକୁ ଲୋକାର୍ପଣ କରିବେ ରାଷ୍ଟ୍ରପତି । ସେଠାରୁ ରାଷ୍ଟ୍ରପତି ଯିବେ ସେକ୍ଟର ୧୩ମେଳଣ ପଡ଼ିଆକୁ ଯେଉଁଠାରେ ଆୟୋଜନ କରାଯାଇଛି ସାଧାରଣ ସଭା । ଯେଉଁଥିରେ ୧୦ ହଜାର ଛାତ୍ରଛାତ୍ରୀ, ୩୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଗୋଷ୍ଠୀ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଆଉ ସେହିଠାରେ ଭର୍ଚୁଆଲରେ ସମ୍ପୂର୍ଣ୍ଣ ହୋଇଥିବା ୪ଗୋଟି ପ୍ରକଳ୍ପ କୋଏଲ ନଗର ମନୋରଞ୍ଜନ ପାର୍କ, ଖର୍ଚ୍ଚ ୪୨.୪୪କୋଟି, ଛେଣ୍ଡ୍ ସ୍ଥିତ ସାଇନ୍ସ ପାର୍କ ଆଣ୍ଡ୍ ପ୍ଲାନେଟୋରିୟମ ଖର୍ଚ୍ଚ ୨୭ କୋଟି କରିବେ ଲୋକାର୍ପଣ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ । ଆଇନଶୃଙ୍ଖଳାକୁ ନଜରରେ ରଖି ଫୋର୍ସ ମୁତୟନ ସହ ସାଧା ପୋଷାକରେ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଜଗି ରହିବେ ଗୁଇନ୍ଦା ଅଧିକାରୀ । ଏହି ୪ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ପରିଦର୍ଶନ କରିସାରିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଅବସ୍ଥାପିତ ହେବା ପରେ ଏହା ତାଙ୍କର ପ୍ରଥମ ରାଉରକେଲା ଗସ୍ତ । ସୁନ୍ଦରଗଡ଼ ମାଟିରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ସୁନ୍ଦରଗଡ଼ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

## ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ଯୋଡ଼ିହେଲା ନୂଆ ଅଧ୍ୟାୟ

## ୩ଡ଼ି ଗ୍ଲାସ୍ ସୋଲୁସନ୍ସ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର : ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶାର ଶିଳ୍ପ ବିପ୍ଳବ ଯାତ୍ରାରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା 3D Glass Solution ର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି । ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ । ଆଜିର ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ । 3D Glass Solutione ଗ୍ଲାସ୍ ସବ୍ ଷ୍ଟ୍ରେଟ ପ୍ୟାକେଜିଂ






ୟୁନିଟ୍ ର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ । ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ । ସେ କହିଥିଲେ ଯେ, ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ । ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଂଟଗୁଡ଼ିକ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ଆହୁରି କହିଥିଲେ ଯେ, Intel, Lockheed Martin ଓ Applied Materials ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ 3D Glass Solution ସହ ଯୋଡିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ । ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ । ସୂଚନା ଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ 3DHI ମଡ୍ୟୁଲ୍ ଉତ୍ପାଦନ କରିବ । ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ । ସେ କହିଥିଲେ ଯେ, ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି । RIR Power Electronics ଓ SiCSEM ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି ।

## ଅଳ୍ପରେ ଖବର

- ପ୍ରବଳ ଖରାକୁ ଆଖି ଆଗରେ ରଖି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ଘୋଷଣା । ୨୦ରୁ ୨୩ପର୍ଯ୍ୟନ୍ତ ଛୁଟି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ।
- ତାମିଲନାଡୁର ବିରୁଧୁନଗର ଜିଲ୍ଲାରେ ରବିବାର ଏକ ବାଣ କାରଖାନାରେ ବିସ୍ଫୋରଣ ହୋଇଥିଲା । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୮ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ସମୟରେ କାରଖାନାରେ ୩୦ ଜଣ ଶ୍ରମିକ କାମ କରୁଥିଲେ ।
- ବାସେଲି ସାହି ଥାନା ପୋଲିସ ୪୦୪ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୪୪ ଲକ୍ଷ ଟଙ୍କା ହେବ ବୋଲି ପୁରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।
- ଭୁବନେଶ୍ୱର ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଆଜି ଭୁବନେଶ୍ୱର ରେଳ ଷ୍ଟେସନ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଦେଖିଛନ୍ତି ରେଳ ମନ୍ତ୍ରୀ ।

## ମଇ ୧ରୁ ବିଜେପିର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଅଭିଯାନ

## ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର: ମଇ ୧ ତାରିଖ, ଶ୍ରମିକ ଦିବସ ଠାରୁ ରାଜ୍ୟର ୩୭ଟି ସାଂଗଠନିକ ଜିଲ୍ଲାରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ



ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଅଭିଯାନ ଆରମ୍ଭ ହେବ । ଏନେଇ ଆଜି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳ ସୂତ୍ରରୁ ମିଳିଥିବା ସୂଚନାରେ, ବୈଠକରେ, ପାର୍ଟିର ସାଂଗଠନିକ ଦୃଷ୍ଟିକୋଣରୁ ବୁଥ କମିଟି ଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା କରାଯାଇଥିଲା । ଦଳର ପ୍ରତିଷ୍ଠା ଦିବାସ, ଆମ୍ବେଦକର ଜୟନ୍ତୀ ଏବଂ ବିଶେଷ ଭାବେ ସଂପ୍ରତି ଚାଲୁ ରହିଥିବା ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ସମୀକ୍ଷା କରାଯାଇଥିଲା । ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ପ୍ରାୟ ସଫଳତାର ସହ ସମାପ୍ତ ହୋଇସାରିଛି ଏବଂ ବର୍ତ୍ତମାନ ଅନୁଷ୍ଠିତ ହେବାକୁ ଥିବା । ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ଆସନ୍ତା ମେ ୧ ତାରିଖରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ବୈଠକରେ ପାର୍ଟିର ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନଙ୍କ ସାମତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାରୀ ପରିଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ ।

## ପୁରୀଠାରେ ଆୟୋଜିତ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର : ଆଗାମୀ ୨୧ ତାରିଖ ଦିନ ପୁରୀଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ । ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ଶ୍ରୀ ରାହୁଲ ସୁରେଶ ନରେଓ୍ୱକରଙ୍କ ଅଧ୍ୟକ୍ଷତା ଓ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି



କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଓ ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ । ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ୫ ଦିନ ଯାଏଁ ରାଜ୍ୟରେ ପ୍ରବଳ ଗରମ ସହ ହିଟ୍ ୱେଭ ୱାର୍ଣ୍ଣିଂ

ଭୁବନେଶ୍ୱର: ପ୍ରବଳ ତାତିରେ ଅସ୍ତବ୍ୟସ୍ତ ଓଡିଶାବାସୀ । ସକାଳ ୯ରୁ ଅସହ୍ୟ ଖରାରେ ସିଝୁଛନ୍ତି ଲୋକେ । ଆଜି ମଧ୍ୟ ରାଜ୍ୟରେ ପ୍ରବଳ ଖରା ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଆସନ୍ତା ୫ଦିନ ଯାଏ ତାତିରୁ ନାହିଁ ତ୍ରାହି । ୫ ଦିନ ଯାଏଁ



ରାଜ୍ୟରେ ପ୍ରବଳ ଗରମ ସହ ହିଟ୍ ୱେଭ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ । ୧୦ ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଛି । ପାଣିପାଗ ବିଭାଗର ଆକଳନ କହୁଛି, ରବିବାର ପଶ୍ଚିମ ଓଡ଼ିଶାରେ ଭୀଷଣ ତାତି ଅନୁଭୂତ ହେବ । ସେନେଇ ଆଜି ପାଇଁ ୩ଟି ଜିଲ୍ଲା ସମ୍ବଲପୁର, ସୁନ୍ଦରଗଡ ଓ ବଲାଙ୍ଗୀରରେ ରାତିରେ ହିଟ୍ ୱେଭ୍ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ୨୦ ତାରିଖ (ସୋମବାର) ସୁନ୍ଦରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ବଲାଙ୍ଗିର, କଳାହାଣ୍ଡି ଓ ସମ୍ବଲପୁରରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିବ । ସୁନ୍ଦରଗଡ଼, ବଲାଙ୍ଗିର ଓ ସମ୍ବଲପୁରରେ ରାତି ତାପମାତ୍ରା ବି ଅଧିକ ରହିବା ଯୋଗୁ ଭୀଷଣ ଗରମ ଅନୁଭୂତ ହେବ । ୧୯ ତାରିଖରୁ ୨୪ ତାରିଖ ଯାଏ ରାଜ୍ୟର ସ୍ଥାନେ ସ୍ଥାନେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । କାଳବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ଆଶଙ୍କା ଅଛି । ଶନିବାର ଟିଟିଲାଗଡ଼ରେ ଦିନ ତାପମାତ୍ରା ସର୍ବାଧିକ ୪୨.୭ ଡିଗ୍ରୀ ରହିଥିଲା । ଝାରସୁଗୁଡ଼ାରେ ୪୨.୬, ସମ୍ବଲପୁରରେ ୪୧.୬, ହୀରାକୁଦରେ ତାପମାତ୍ରା ୪୧.୭ ଓ ନୂଆପଡ଼ାରେ ୪୧.୬ ଡିଗ୍ରୀ ରହିଥିଲା ।


15001/21/2627




ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଉନ୍ମେଷ-୨୦୨୫-୨୬' ଅନୁଷ୍ଠିତ







ବାଲେଶ୍ୱର (ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ 'ଉନ୍ମେଷ-୨୦୨୫-୨୬' ଅତ୍ୟନ୍ତ ଉତ୍ସାହ ସହିତ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିଜ ଅଧ୍ୟକ୍ଷୀୟ ଭାଷଣରେ, ଛାତ୍ରଛାତ୍ରୀମାନଙ୍କର ସମଗ୍ର ବିକାଶ ପାଇଁ ଶିକ୍ଷା ସହ ସାହିତ୍ୟ, ସଂସ୍କୃତି ଓ କ୍ରୀଡା କାର୍ଯ୍ୟକଳାପ ର ସମନ୍ୱୟ ଅତ୍ୟାବଶ୍ୟକ ବୋଲି କହିଥିଲେ । ସେ 'ଉନ୍ମେଷ' ପରି ମଂଚ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ପ୍ରକାଶ କରିବାର ଏକ ସୁନ୍ଦର ସୁଯୋଗ ଯୋଗାଇ ଦେଇଥାଏ ବୋଲି ଉଲ୍ଲେଖ କରି, ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିଛି ବୋଲି ମତପ୍ରକାଶ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସମଗ୍ର ଉନ୍ନତିରେ ସାହିତ୍ୟ, ସଂସ୍କୃତି ଓ କ୍ରୀଡାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସୁସଂଗଠିତ ତଥା ଶୈକ୍ଷିକ ସହଭାଗିତାରେ ଉଭୟ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ପରିବର୍ତନ ଓ ପ୍ରଗତି ଅଣାଯାଇପାରିବା ନେଇ ଆଶାବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ନାତକୋତର ପରିଷଦ ଓ କ୍ରୀଡା-ସଂସ୍କୃତି କମିଟିର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାକୁ ଆଗେଇ ନେବା ପାଇଁ ଏପରି ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଅତିଥି ଭାବେ ବିତ ନିୟନ୍ତ୍ରକ ଶ୍ରୀ କରଣ ସୋରେନ ମଧ୍ୟ ଉପସ୍ଥିତ ରହି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ସାହିତ୍ୟ-ସଂସ୍କୃତି କମିଟିର ଉପାଧ୍ୟକ୍ଷ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ବାର୍ଷିକ ସାହିତ୍ୟ-ସଂସ୍କୃତି କାର୍ଯ୍ୟକଳାପର ଅନୁସନ୍ଧାନ ରିପୋର୍ଟ ପ୍ରସ୍ତୁତ କରିଥିବା ବେଳେ କ୍ରୀଡା କମିଟିର ଉପାଧ୍ୟକ୍ଷ ଡ଼କ୍ଟର ସଚ୍ଚିଦାନନ୍ଦ ସା କ୍ରୀଡା କାର୍ଯ୍ୟକଳାପର ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ରୀଡା ଓ ସାହିତ୍ୟ-ସାଂସ୍କୃତିକ ପ୍ରତିଯୋଗିତାରେ ବିଜେତା ଓ ଚ୍ୟାମ୍ପିଅନ୍ ?ମାନଙ୍କୁ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମଟି ଡ଼କ୍ଟର ବିବେକାନନ୍ଦ ନାୟକ ଓ ଶ୍ରୀ ଅରୁଣ କୁମାର ନାୟକଙ୍କ ଦ୍ୱାରା ସଂଯୋଜିତ କରାଯାଇଥିଲା ।

ଶେଷରେ ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପନ କରିଥିଲେ ।

# ମୁଖ୍ୟମନ୍ତ୍ରୀ କପ୍ -୨୦୨୬ କବାଡି ପ୍ରତିଯୋଗିତା ଉଦ୍‌ଯାପିତ



ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଜିଲ୍ଲା ପ୍ରଶାସନ ,ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ର ମିଳିତ ସହୋଯାଗରେ ତା-୧୯.୦୪.୨୦୨୬ ରିଖ ରେ ପରମିଟ ପଡିଆ,ନୁଆ ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ କପ୍-୨.୦ ବାଳିକା କବାଡି ୧୬ ବର୍ଷ ରୁ କମ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ଜିଲ୍ଲା କ୍ରୀଡ଼ାସଂଘ ର ବରିଷ୍ଠ ସଭ୍ୟ ଶ୍ରୀ ହରେନ ଚନ୍ଦ୍ର ରଣା ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେଂ ସେମାନଙ୍କ ସହିତ ପରିଚିତ ହୋଇଥଲେ । ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ଉପ ସଭାପତି ଜଗଦିଶ ଚନ୍ଦ୍ର ବେହେରା, ,ଅମର କୁମାର ମହାଁ,ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମଜୟ ଦେ,ସଂଜୟ ଲେଙ୍କା ଓ ଗୋପଳ ସେଠୀ,ଅକ୍ଷୟ ଆସ,ଚିତରଂଜନ ପାସା, ,ଅକ୍ଷୟଏନ୍ଦୁ ଦାସ,ପ୍ରଦିପ କୁମାର ଦାସ,ଦିଲିପ ଜେନା,ସପ୍ନେନ୍ଦୁ ଆଚାର୍ଯ୍ୟ ଙ୍କ ସମେତ ଅନେକ ସଭ୍ୟ , କର୍ମକର୍ତା ,ପୁର୍ବତନ କ୍ରୀଡାବିତ ଏବଂ ବହୁ ଦର୍ଶକ ଯୋଗଦେଇଥିଲେ । ଜିଲ୍ଲାରେ ଥିବା କ୍ରୀଡା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କ୍ରୀଡା ମହୋତ୍ସବର ଅୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ କପ୍ -୨୦୨୬ କବାଡି ପ୍ରତିଯୋଗିତା ବାଳିକା ବିଭାଗ ର ଫାଇନାଲ ଖେଳ ରେ ସୁବର୍ଣରେଖା ଷ୍ଟ୍ରାଇକର୍ସ ବିଜେତା ଓ ମହାନଦୀ ମାଷ୍ଟରସ୍ ଉପ ବିଜେତା ହୋଇଥିଲେ । ଏହି ଖେଳକୁ ଲକ୍ଷ୍ମୀଧର ଜେନା , ମୋନଜ କୁମାର ଜେନା,ପ୍ରାଣକୃଷ୍ଣ ମହାଁ,ସଂଧ୍ୟା ମହାପାତ୍ର, ମଂଜୁ ମହାପାତ,ସୁମନା ନନ୍ଦୀ,ବବିତା ପାତ୍ର,ନିତ୍ୟ ନୁତନ ଦେ,ସଂଧ୍ୟାରାଣୀ ସିଂ ,ସେକ ଅବଦୁଲ ହାକିମ,ବବିତା ଗିରି, ମଳୟ ବେହେରା, ଙ୍କ ମିଳିତ ସହଯୋଗରେ ସମସ୍ତ ଖେଳକୁ ସୁଚାରୁରୁପେ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରୁ ମୋନୋନିତ ହୋଇଥିବା ବାଳିକା ଦଳ ରାଜ୍ୟ ସ୍ତରୀର କ୍ରୀଡାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।

# ମାନବ ସମାଜ ପାଇଁ ମଙ୍ଗଳମୟ କର୍ମ ଆବଶ୍ୟକ ଜରୁରୀ

## କର୍କଟ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର (ନି.ପ୍ର.) ୧୯ ତାରିଖ ଅପରାହ୍ନରେ କଟେରୀଗଡ଼ାସ୍ଥିତ ବହୁ ପୁରାତନ ଖ୍ରୀଷ୍ଟିୟାନ ହାଇସ୍କୁଲ ପରିସରରେ କର୍କଣ ରୋଗର ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ସେଇଠୁ ଆରମ୍ଭ' ସମ୍ବାଦପତ୍ରର ସୃଷ୍ଟିକର୍ତା ତଥା ପରିବାର ପକ୍ଷରୁ ଶୁଭେନ୍ଦୁ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍କଟରୋଗ ନିରାକରଣର ବିଶିଷ୍ଟ ଡାକ୍ତର ରଂଜିତ କର ମହୋର୍ଦ୍ଦ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବୃକ୍ଷରେ ଜଳାଭିଷେକ କରିଥିଲେ । ଏହି ଅବସରରେ ମଂଚରେ କବି ପ୍ରଶାନ୍ତ ଦାସ, କାଉନସିଲର କାର୍ତିକ ସାହୁ, ସମାଜସେବୀ ସୁଶିଲ ରାଠି, ସାମ୍ବାଦିକ ରଂଜନ କୁମାର ବାଗ, ଡାକ୍ତର ରଣଜିତ କୁମାର କର ଏବଂ ୧୮ ନଂ ୱାର୍ଡ଼ର କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ପ୍ରମୁଖ ମଂସାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ମାନବ ସମାଜପାଇଁ ମଙ୍ଗଳମୟ କର୍ମୟ ଅତି ଜରୁରୀ ବୋଲି ମଂଚାସୀନ ଅତିଥି ମାନେ ମତବ୍ୟକ୍ତ କରିଥିବା ବେଳେ ଆନ୍ତର୍ଜାତିକ କ୍ଷେତ୍ରରେ ଅନୁସନ୍ଧାନରୁ ଜଣାଯାଇଛି ଆଗାମୀ ଦିନମାନଙ୍କରେ ଯଦି ଜନସାଧାରଣ ସଚେତନ ନହୁଅନ୍ତି, ତେବେ ପରିବାରରେ କର୍କଟ ରୋଗ ଦେଖା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି । ତା'ଛଡ଼ା ଖାଦ୍ୟପଦାର୍ଥ, ମାଦକଦ୍ରବ୍ୟରୁ ଦୂରେଇ ରହିବା ସହ ନିଜକୁ ସୁସ୍ଥ ଓ ସବଳରଖିବା ନିମନ୍ତେ ଦୀନବନ୍ଧରେ ଆବଶ୍ୟକତା ଅନୁଯାୟୀ ଜଳ, ଖାଦ୍ୟ ଏବଂ ଯୋଗ ଶାରୀରିକ କ୍ରୀଡ଼ାଭ୍ୟାସ ଅତି ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

# ମୋବାଇଲ ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ: ୬ ଗିରଫ

ବାଲେଶ୍ୱର,(ନି.ପ୍ର.): ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୬ଜଣ ବେପାରିକୁ ଗିରଫ କରିଛି । ଗିରଫ ହୋଇଥିବା ବେପାରୀମାନେ ହେଲେ,ନୀଳଗିରି ଅଂଚଳର ଜଗବନ୍ଧୁ ବେହେରା,ଅଜୟ କୁମାର ସାଇବାବୁ,ଦୁର୍ଗାଶଙ୍କର ବେହେରା,ସଦର ରେଞ୍ଜର ହଳଦୀପଦା ଅଂଚଳର ହେମନ୍ତ ପାତ୍ର,ଶିକ୍ଷାଚଂଳ ଥାନା ନୂଆଗାଁ ଅଂଚଳର ଧନଞ୍ଜୟ ପ୍ରଧାନ ଏବଂ ହଳଦୀପଦା ଅଂଚଳର ସୁଶାନ୍ତ କୁମାର ନାୟକ । ଏନେଇ ପୃଥକ ପୃଥକ ଭାବେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ,ବିଭିନ୍ନ ସ୍ଥାନରେ ବେଆଇନଭାବେ ଚୋରା ମଦ କାରବାର ହେଉଥିବା ନେଇ ମୋବାଇଲ ଅବକାରୀ ବିଭାଗ ଖବର ପାଇ ଚଢ଼ାଉ କରିଥିଲା । ବିଶେଷ କରି ଏହି ଟିମ ନୀଳଗିରିରେ ଚଢ଼ାଉ କରିବା ସହ ସଦର ରେଞ୍ଜର ହଳଦୀପଦା ଏବଂ ରେମୁଣା ଗୋଲେଇ ଠାରେ ଚଢ଼ାଉ କରିଥିଲା । ଚଢ଼ାଉବେଳେ ସେମାନଙ୍କ ଠାରୁ ମୋଟ ୩୨୦ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ୨୨.୭୫୦ଲିଟର ବିୟର ଜବତ କରାଯାଇଛି । ଏହି ଚଢ଼ାଉରେ ସମସ୍ତ ଅଧିକାରୀମାନେ ସାମିଲ ଥିଲେ ।



# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଏବେଠୁ କଂଗ୍ରେସର ସଜବାଜ





ବାଲେଶ୍ୱର (ନି.ପ୍ର.) ୧୯ ତାରିଖ ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସଦର ନିର୍ବାଚନମଣ୍ଡଳୀରେ ଆଗାମୀ ୨୦୨୭ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପୂବତନ ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠଇତ ହୋଇଯାଇଛି । ଏହିବୈଠକରେ ପଦ୍ମଲୋଚନ ଲେଙ୍କା, ଅଜଗର ଅଲ୍ଲୀଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ ନେତୃମଣ୍ଡଳୀ ଯୋଗଦେଇ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ୀକରଣ କରିବା ନିମନ୍ତେ ଏବେଠୁ ପ୍ରତ୍ୟେକ କର୍ମୀ ନିଜ ଭିତରେ ଥିବା ଅଶାନ୍ତିକୁ ଦୂରକରି ମିଳିତ ସହଯୋଗରେ ଦଳପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

# ହରଗଙ୍ଗା ପୋଖରୀ ଚନ୍ଦନ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର (ନି.ପ୍ର.) ଆସନ୍ତା ୨୭ ତାରିଖରୁ ମଇ ୧ ତାରିଖ ପର୍ଯ୍ୟନ୍ତ ମଠସାହି ହରଗଙ୍ଗା ପୋଖରୀ ଚନ୍ଦନ ଉତ୍ସବ କମିଟି ପକ୍ଷରୁ ବାର୍ଷିକ ଚନ୍ଦନ ଉତ୍ସବ ଧୁମଧାମରେ ପାଳନ ହେବ ବୋଲି ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ମନୋଜ ରାଉତ, ସାନ୍ତନୁ ଦାସ, ସୁଶାନ୍ତ ସାହୁ ପ୍ରମୁଖ ସୂଚନା ଦେଇ କହିଛନ୍ତି । ୨୭ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ରାଧାକୃଷ୍ଣ ବିମାନ ଶୋଭାଯାତ୍ରା, ପୋଖରୀରେ ନାବକେଳୀ, ଦୁଇଦିନ ଧରି ମେଲୋଡ଼ି କାର୍ଯ୍ୟକ୍ରମ, ପୂର୍ଣ୍ଣମୀ ଦିନ ପ୍ରସାଦ ସେବନ କାର୍ଯ୍ୟକ୍ରମ ଏବଂ ଷ୍ଟାର ମେଲୋଡ଼ି କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହେବ ବୋଲି ରମାକାନ୍ତ ମହାନ୍ତି ସୂଚନା ଦେଇଛନ୍ତି ।



# ପ୍ରେମ ବ୍ୟାପାରର କରୁଣ ପରିସ୍ଥିତି,ପ୍ରେମିକାର ବାପାକୁ ଭୁଜାଲିରେ ହାଣିଲା ପ୍ରେମିକ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତି

ବାଲେଶ୍ୱର,(ନି.ପ୍ର.): ବସ୍ତା ଥାନା ଅର୍ନ୍ତଗତ ଶ୍ରୀରାମପୁର ପଂଚାୟତରେ ଆଜି ଏକ ଅଘଟଣ ଘଟିଛି । ପ୍ରେମ ବ୍ୟାପାରକୁ ନେଇ ପ୍ରେମିକାଙ୍କର ବାପାଙ୍କୁ ପ୍ରେମିକ ଓ ତାର କିଛି ସହଯୋଗୀ ମିଶି ଆକ୍ରମଣ କରିବା ଘଟଣା ଚର୍ଚାର ବିଷୟ ପାଲଟିଛି । ଅନ୍ୟପଟେ ପ୍ରେମିକାଙ୍କ ବାପା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ବେଳେ ବସ୍ତା ପୁଲିସ ଏହି ଘଟଣାର ତଦନ୍ତ ଚଳାଇଛି । ସୂଚନା ଅନୁସାରେ,ବସ୍ତା ଥାନା ଅର୍ନ୍ତଗତ ଶ୍ରୀରାମପୁର ପଂଚାୟତର ହରିଶ ପ୍ରଧାନଙ୍କ ଝିଅକୁ ଜଣେ ଯୁବକ ଭଲପାଉଥିଲେ । ହେଲେ କୌଣସି କାରଣ ନେଇ ଆଜି ତାଙ୍କୁ ପ୍ରେମିକ ତାଙ୍କର କିଛି ସହଯୋଗୀଙ୍କ ସହାୟତାରେ ଭୁଜାଲିରେ ଆକ୍ରମଣ କରିଛି । ଏହାଛଡା ସେ ପ୍ରେମିକାଙ୍କ ବାପା ହରିଶଙ୍କୁ ବନ୍ଧୁକ ଦେଖାଇବା ସହ ଭୁଜାଲିରେ ହାଣିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଏନେଇ ତାଙ୍କର ଜଣେ ସମ୍ପର୍କୀୟ ଦାଦା ଅନାଦି ପ୍ରଧାନଙ୍କ କହିବା ଅନୁସାରେ,ତାଙ୍କ ଗାଁ ପାଖ ପିଲା ହରିଶଙ୍କ ଝିଅକୁ ଦୁଇମାସ ହେବ ଏକତରଫା ଭାବେ ଭଲ ପାଉଥିଲେ । ଏହି ଭଲପାଇବାକୁ ନେଇ ପୂର୍ବରୁ ଉକ୍ତ ଯୁବକ ଜଣଙ୍କ ଭଲପାଉଥିବା ଯୁବତୀଙ୍କୁ ଉଠାଇନେବାକୁ ଆସିଥିଲା । ଯାହାକୁ ନେଇ ଥାନାରେ ମଧ୍ୟ ଅଭିଯୋଗ ହେବା ପରେ କମ୍ପରମାଇଜ ମଧ୍ୟ ହୋଇଥିଲା । ସେବେଠାରୁ ଠିକ ଥିବା ବେଳେ ତିନିଦିନ ତଳେ ସେଇ ଯୁବକ ଜଣଙ୍କ ତାଙ୍କର କିଛି ସହଯୋଗୀଙ୍କୁ ନେଇ ଖରାପ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲା । ତେବେ ଆଜି ତାଙ୍କ ଭାଇ ଦୋକାନ ପାଖରେ ପରିବା ନେଉଥିବା ବେଳେ ସେମାନେ ଆସି ତାଙ୍କୁ ଡାକିଥିଲେ । ଏବଂ ବନ୍ଧୁକ ଦେଖାଇ ଭୁଜାଲିରେ ଆକ୍ରମଣ କରିଥିଲେ । ତେବେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ମଧ୍ୟ ଲାଗିଛି । ଏନେି ବସ୍ତା ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି ବୋଲି କହିଛନ୍ତି ।

# ବୁଢ଼ିମଙ୍ଗଳା ପୀଠରେ ମହାବିଷୁବ ସଂକ୍ରାନ୍ତି ପାଳିତ

ବାଲେଶ୍ୱର,(ନି.ପ୍ର.): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ଓଡ଼ିଆ ନୂଆବର୍ଷ ଏବଂ ଭାରତରତ୍ନ ଡ. ବାବା ସାହେବଙ୍କ ୧୩୫ତମ ଜୟନ୍ତୀ ଅବସରରେ ସୁଏଲପୁରସ୍ଥିତ ମା' ବୁଢ଼ୀମଙ୍ଗଳା ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ପାରମ୍ପରିକ ପୂଜାବିଧି ଓ ପ୍ରସାଦସେବନ କାର୍ଯ୍ୟକ୍ରମ ପ୍ରଭୃତି ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସମାପ୍ତ ହୋଇଛି । ଏହି ଅବସରରେ 'ମା' ବୁଢ଼ୀମଙ୍ଗଳା ଚ୍ୟାରିଟେବୁଲ୍ ଟ୍ରଷ୍ଟ' ନାମରେ ଏକ ସଂଗଠନ ପ୍ରତିଷ୍ଠା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଗ୍ରାମର ଆର୍ଥିକ ଅନଗ୍ରସର ଓ ଶାରୀରିକ ଅକ୍ଷମ ୫ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସ୍ୱର୍ଗତ ଗଣେଶ ଚନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ସାବିତ୍ରୀ ସାହୁଙ୍କ ପରିବାର ପକ୍ଷରୁ ଏଥିପାଇଁ ଆର୍ଥିକ ଅନୁଦାନ ଗ୍ରହଣ କରାଯାଇଥିଲା । ସୁଏଲପୁର ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଡ଼ୋଶୀମାନଙ୍କ ମଧ୍ୟରେ ଅଧିକ ସୁସମ୍ପର୍କ ସ୍ଥାପନ କରିବା ଓ ଭାତୃଭାବକୁ ଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବର୍ଷତମାମ ଗ୍ରହଣ କରାଯାଇଆସୁଅଛି । ଯୁବସମାଜ ସହରର ମଧ୍ୟଭାଗରେ ଥିବା ସୁଏଲପୁର ଗ୍ରାମକୁ ଏକ ଆଦର୍ଶ ଗ୍ରାମଭାବେ ପ୍ରତିଷ୍ଠିତ କରାଇବାକୁ ଏହି ଅବସରରେ ଗ୍ରାମବାସୀମାନେ ଶପଥ ଗ୍ରହଣ କରିଛନ୍ତି ।



# ଉତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେସନ ଅନୁଷ୍ଠିତ ୫ଟି ଦାବି ଉପରେ ବିସ୍ତୃତ ଆଲୋଚନା

ବାଲେଶ୍ୱର,(ନି.ପ୍ର.): ଜିଲ୍ଲା ବାର ଆସୋସିଏସନ ପକ୍ଷରୁ ଆଜି ବାଲେଶ୍ୱର,ଭଦ୍ରକ,ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାକୁ ନେଇ ଉତର ଓଡ଼ିଶା ଆଇନଗତ ଭ୍ରାତୃତ୍ୱ ଆଦାନପ୍ରଦାନ ଅଧିବେସନ ସ୍ଥାନୀୟ କଚୋରୀ ପରିସରରେ ଥିବା ଲାଇବ୍ରେରୀ ହଲ ମଧ୍ୟରେ ଜିଲ୍ଲା ବାର ଆସୋସିଏସନ ସଭାପତି ମନୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେସନରେ ବିଶେଷ କରି ବିଭିନ୍ନ କ୍ଷେତ୍ରରେ ଓକିଲମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଓ ସେମାନଙ୍କର ଦାବି ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି ଓଡ଼ିଶାର ସମସ୍ତ ଓକିଲ ସଂଘର କାର୍ଯ୍ୟକାରିଣୀ କମିଟିର କାର୍ଯ୍ୟକାଳ ଏକ ବର୍ଷରୁ ୩ବର୍ଷକୁ ବୃଦ୍ଧି କରାଯିବା ସହ କୌଣସି ଓକିଲଙ୍କ ମୃତ୍ୟୁ ହେଲେ କିମ୍ବା ସ୍ୱେଚ୍ଛାକୃତ ଭାବେ ଲାଇସେନସ ଆତ୍ମସମର୍ପଣ କଲେ ଆର୍ଥିକ ସହାୟତା ୫୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି କରାଯାଇଛି । ଏହାଛଡା ଓଡ଼ିଶାର ସମସ୍ତ ଓକିଲ ଏବଂ ସେମାନଙ୍କ ପରିବାରର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବାଧ୍ୟତାମୂଳକ ଭାବେ ୧୫ଲକ୍ଷ କରାଯାଉ, ୫ବର୍ଷ ପର୍ଯ୍ୟନ୍ତ ନୂତନ ପ୍ରାକ୍ଟିସନରଙ୍କ ପାଇଁ ପ୍ରତିମାସ ୧୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ଏବଂ ୪୦ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିଥିବା ଓକିଲମାନଙ୍କୁ ପ୍ରତିମାସ ୨୦ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ ବୋଲି ଏହି ଅଧିବେସନରେ ଦାବି ଉପସ୍ଥାପନା କରାଯାଇଥିଲା । ଏହି ଦାବି ଗୁଡିକ ଉପରେ ସମସ୍ତ ଓକିଲମାନେ ସେମାନଙ୍କ ମତାମତ ଦେବା ପରେ ଏହାକୁ ରାଜ୍ୟ ବାର ଆସୋସିଏସନ ସହ କେନ୍ଦ୍ର ବାର ଆସୋସିଲସନ ଏବଂ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ଏହି ଅଧିବେସନରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବାର ଆସୋସିଏସନର ସମ୍ପାଦକ ସସ୍ମିତ କୁମାର ନନ୍ଦୀ,ଉପସଭାପତି ରଣଜିତ ପଣ୍ଡା,ବାରିପଦା ବାର ଆସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ,ସମ୍ପାଦକ ବିପ୍ଳବ କୁମାର ବାରିକ,ସୋର ବାର ଆସୋସିଏସନ ସଭାପତି ଚନ୍ଦ୍ରଶେଖର ମହାନ୍ତି,ସମ୍ପାଦକ ସଞ୍ଜୀବ କୁମାରୀ ଦ୍ୱିବେଦୀ, ନୀଳଗିରିରୁ ଚିତରଞ୍ଜନ ଷଡଙ୍ଗୀ,ଦିଲ୍ଲୀପ କୁମାର ରାଉତ,କିଶୋର କୁମାର ଦାଶ ପ୍ରମୁଖ ସହ ଏହି ୪ଟି ଜିଲ୍ଲା ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ସିପିଏମର ଦୁଇ ଦିନିଆ ଦକ୍ଷିଣାଂଚଳ କର୍ମଶାଳା ଉଦ୍‌ଯାପିତ



ବ୍ରହ୍ମପୁର (ନିପ୍ର): ଇଷ୍ଟ କୋଷ୍ଟ ରେଳ ବାଇକୁର ସରକ୍ଷା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ବେକାରଙ୍କୁ ନିଯୁକ୍ତି, ସ୍କୁଲଛାତ୍ରଙ୍କ ପାଠ୍ୟ ପୁସ୍ତକ, ମହିଳାଙ୍କ ସୁରକ୍ଷା, ଚାଷୀର ଧାନବିକ୍ରି, ଆଦିବାସୀଙ୍କ ଅଧିକାର ଓ ରାଜ୍ୟରେ କର୍ପୋରେଟ ଲୁଟ ବିରୋଧରେ ସମସ୍ତ ବାମ ଗଣତାନ୍ତ୍ରିକ ଶକ୍ତିଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରିବା ପାଇଁ ପାର୍ଟିର ଦୁଇ ଦିନିଆ କର୍ମଶାଳାରେ ଯୋଜନା ଗ୍ରହଣ କରାଯାଇଛି । କର୍ମଶାଳାରେ କେନ୍ଦ୍ର ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ଅର୍ଥନୀତି କୁ ତୀବ୍ର ସମାଲୋଚନା କରାଯାଇଛି ।ଏହି ଅର୍ଥନୀତି ଫଳରେ ଦେଶର କିଛି କମ୍ପାନୀ ଲାଭର ପାହାଡ଼ ସୃଷ୍ଟି କରିଛନ୍ତି । ଅନ୍ୟଦିଗରେ ବେକାରୀ ଅକାଶଛୁଆ ହୋଇଛି । ଶ୍ରମିକଙ୍କ ରୋଜଗାର ହରାଉଛନ୍ତି । ଦରବୃଦ୍ଧି ଓ ଦୁର୍ନୀତି ବ୍ୟାପକ ହେଉଛି ।ଦେଶର ସାମ୍ବିଧାନିକ ବ୍ୟବସ୍ଥା ଗୁଡିକୁ ସରକାର ନିୟନ୍ତ୍ରଣ କରିବାକୁ ଯୋଜନା କରୁଛନ୍ତି । କେନ୍ଦ୍ର ସରକାର ଓ ସଙ୍ଘ ପରିବାର ଯୋଜନବଧାଭାବେ ଲୋକଙ୍କ ଏକତାକୁ ଭାଙ୍ଗିବା ପାଇଁ ସମସ୍ତ ଯୋଜନା କରୁଛି । ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଜରୁରୀ । ସେହିଭଳି ରାଜ୍ୟର ବିଜେପି ସରକାର ରାଜ୍ୟର ସମସ୍ତ ସମ୍ପଦକୁ କମ୍ପାନୀ ହାତରେ ଟେକିଦେବା ଆରମ୍ଭ କରିଛନ୍ତି । ରାଜ୍ୟରେ ଆଦିବାସୀଙ୍କ ଅଧିକାର ଛାଡେଇନେବା ପାଇଁ ଆଦିବାସୀଙ୍କୁ ଢାଲ କରାଯାଉଛି । ବିଜେପି ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଚାଲିଛି ।ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଏହି ଦୁଇ ଦିନିଆ କର୍ମଶାଳାରେ ବିଭିନ୍ନ ଯୋଜନା କରାଯାଇଛି । ଏଥିରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଅଲି କିଶିର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିର ଗଂଜାମ, ଗଜପତି, ରାୟଗଡା, ମାଲକାନଗିରି, କଳାହାଣ୍ଡି, ଓ ନବରଙ୍ଗପୁର ଜିଲ୍ଲାରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ପାଇଁ ତିନିଦିନ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ

ନୂଆପଡ଼ା(ନିପ୍ର): ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ସମ୍ବନ୍ଧୀୟ ରେଡ୍ ଓ୍ୱାର୍ଣ୍ଣିଂ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ନୂଆପଡା ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶ ସ୍କୁଲକୁ ତିନିଦିନ ପାଇଁ ବନ୍ଦ ଘୋଷଣା । ନୂଆପଡା ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସରକାରୀ, ସରକାରୀ ସ୍ୱୀକୃତି ପ୍ରାପ୍ତ ଓ ବେସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସହ ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟକୁ ଆସନ୍ତା ୨୦.୦୪.୨୬ରୁ ୨୨.୦୪.୨୬ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା । ପଂଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଂଟରୀ ପରୀକ୍ଷ ସକାଳ ୭ଟାରୁ ୯ଟା ହେବ । ପରୀକ୍ଷାର୍ଥୀମାନଙ୍କ ପାଇଁ ଫଳ, ରସ ଓ ଓଆରଏସ୍ ବ୍ୟବସ୍ଥା କରାଯିବା ସହିତ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଜନଗଣନା ସମ୍ବନ୍ଧୀୟ କାର୍ଯ୍ୟ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରି ଜାରି ରହିବ । ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ ଏବଂ ଜନଗଣନା କାମ, ଭର୍ତ୍ତି ପ୍ରକ୍ରିୟା, ୟୁନିଫର୍ମ ବଂଟନ ଏ ସବୁ କାମ କରାଯିବ ବୋଲି ଆଦଗ ଜାରି କରାଯାଇଛି ।

# ଜିଲ୍ଲା ବିଭିନ୍ନ ବିଭାଗର ତାଇକଣ୍ଡୋ ପ୍ରତିଯୋଗିତା




ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡା ଜିଲ୍ଲା ତାଇକଣ୍ଡୋ ଏକାଡେମୀ ତରଫରୁ ମାଷ୍ଟର ସୁନ୍ଦର ମଣି ପଟେଲ କୋଚ ସାଗର ରାଉତ ଓ ସୌରଭ ଭୈଶାଲଙ୍କ ତତ୍ୱବଧାନରେ ଝାରସୁଗୁଡା ଜିଲ୍ଲାର ଏଚ୍ କଟାପାଲି, ଅର୍ନପୂର୍ଣ୍ଣା ମଣ୍ଡପ ଠାରେ ଆଜି ସକାଳ ୭ଟାରୁ ଅପରାହ୍ନ ୪ଟା ମଧ୍ୟରେ ୪ଟି ବିଭାଗର ବିଭିନ୍ନ ବୟସ ବର୍ଗର ସବ୍ ଜୁନିୟର, ଜୁନିୟର ଓ ସିନିୟର ବାଳକ ବାଳିକା ବିଭାଗର କଲ୍ର ବେଲ୍ଟ ଓ ବ୍ଲାକବେଲ୍ଟ ତାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ଏହି ପ୍ରତିଯୋଗିତାରେ ସୁର୍ଣ୍ଣପଦକ ୭୫ ଜଣ, ସିଲଭର ୩୭ଜଣ ଓ ବ୍ରୋଞ୍ଜପଦକ ୨୨ ସଫଳ ପ୍ରତିଯୋଗୀ ମାନଙ୍କୁ ଉପସ୍ଥିତ ଥିବା ଅତିଥି ମାନେ ପ୍ରଦାନ କରି ଥିଲେ । ଏହି ପ୍ରତିଯୋଗିତାରେ ଅତିଥି ଭାବରେ ଝାରସୁଗୁଡା ଜିଲ୍ଲା କ୍ରିଡା ଅଧିକାରୀ ଅମରିଶ କୁମାର ଆଚାର୍ଯ୍ୟ (ଓ.ଏ.ଏସ୍), ଜିଲ୍ଲା କ୍ରୀଡା ସଂଘର ବିଜୟ ବେହେରା, ତାପସରାୟ ଚଉଧୁରୀ, ବିଜୟ ବକ୍ସି, କ୍ରିକେଟ ଆସୋସିଏସନର ଅଶୋକ ପ୍ରଧାନ, ଅନିରୁଦ୍ଧ କେବଟ୍ , କୁମୁଦ ରଞ୍ଜନ କଲେଜର ଖେଳ ଶିକ୍ଷକ ବିବେକ ପ୍ରଧାନ, ସୁଦ୍ଧା ଅଗସ୍ତି, ଶ୍ରୀୟା ରଞ୍ଜନ, ଆୟୁସି ମାଥୁର ପ୍ରଭୃତି ଉପସ୍ଥିତ ରହି ପ୍ରଦକ ପ୍ରଦାନ କରି ଥିଲେ । ଏହି ସଫଳତା ପାଇଁ ଝାରସୁଗୁଡ଼ା ଜିଲ୍ଲା ତାଇକଣ୍ଡୋ ଆସୋସିଏସନର ସଭାପତି ପ୍ରଜ୍ଜଲ କୁମାର ପଟେଲ ଉପ-ସଭାପତି ଜୀବନ ମହାନ୍ତି ଓ ସଂପାଦକ ସୁନ୍ଦର ମଣି ପଟେଲ ବାଳକ, ବାଳିକା ମାନଙ୍କୁ ଏବଂ ଉତ୍ସାହୀ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ହୁଡ଼କୋ କଲୋନୀରେ ଅଷ୍ଟପ୍ରହର ନାମ ଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର(ନିପ୍ର): ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ହୁଡକୋ କଲୋନୀରେ ସୁଦର୍ଶନ ମଣ୍ଡଳଙ୍କ ଅଧକ୍ଷତାରେ ଏବଂ ମନମୋହନ ପଣ୍ଡାଙ୍କ ମାର୍ଗ ଦର୍ଶନରେ ଅଷ୍ଟପ୍ରହର ନାମ ଯଜ୍ଞ ଏପ୍ରିଲ ତା୧୩ ରୁ ୧୫ ରିଖ ତିନି ଦିନ ଅତି ଧୁମ୍ ଧାମ ରେ ପାଳିତ ହୋଇ ଯାଇଅଛି । ତା ୧୩ ରିଖ ସନ୍ଧ୍ୟାରେ ମା' ଭଜନ ସନ୍ଧ୍ୟା ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ପ୍ରଥମେ କଲୋନୀର କୁନି କୁନି ପିଲା ମାନଙ୍କର ନୃତ୍ୟ ପରେ ସାଇ କଲ୍ୟାଣ ଉଦ୍ୟଗତା ବେଦ ପାଠ ଗାନ କରି ଥିଲେ । ତତ୍ ପରେ ମୁଖ୍ୟ ଅତିଥି କାଉନସିଲରଙ୍କ ପ୍ରତିନିଧି ରାଜେନ୍ଦ୍ର ନାଏକ ପିଲା ମାନଙ୍କୁ ପୁରସ୍କୃତ କରିବା ସହିତ ଭଜନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସାଂସ୍କୃତିକ କାଯ୍ୟକ୍ରମ ଏତେ ମନ୍ତ୍ରମୁଗ୍ଧ ଥିଲା ଯେ ସମସ୍ତଙ୍କୁ ନାମ ଯଜ୍ଞ ପାଇଁ ଜାଗୃତ କରି ଦେଇଥିଲା । ତ ୧୪:୦୪: ୨୬ରିଖ ଭୋର୍ ୪ଟା ରେ ମୁଖ୍ୟ ପୂଜକ ମିଟୁ ନନାଙ୍କ ପୌରାଧକ୍ଷରେ ଅଧିବାସ କଳସ ଆସି ସକାଳ ୮ଟାରେ ନାମ ଧରା ଯାଇଥିଲା । ମୁଖ୍ୟ ଅତଥିଭାବେ ପୌରାଧକ୍ଷ ନିକୁ ସାହୁ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସନ୍ଧ୍ୟା ୫ଟା ରେ ପଣା ବଂଟନ କରା ଯାଇଥିଲା । ସଙ୍କୀର୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ଯଜ୍ଞ ସମସ୍ତଙ୍କୁ ଏକ ଆଧାତ୍ମିକ ପରିବେଶରେ ବାନ୍ଧି ରଖି ଥିଲା । ତା ୧୫:୦୪: ୨୬ରିଖ ସକାଳ ୮ଟାରେ ନାମ ବଢା ଯାଇ ନଗର ସଙ୍କୀର୍ତନ କରା ଯାଇ କାର୍ଯ୍ୟକ୍ରମ ସମାରୋପ ହୋଇଥିଲା ।

# ଇଟାମାଟି ଶ୍ରୀ ଗଜାନନ ଷ୍ଟଡି ପଏଂଟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକ ଇଟାମାଟି ଗଜାନନ ଷ୍ଟଡି ପଏଂଟର ପଂଚାୟତ ପଡ଼ିଆ ଠାରେ ଜିଲ୍ଲାରେ ୨୦୨୫ - ୨୬ ଶିକ୍ଷାବର୍ଷ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେମୁଖ୍ୟ ଅତିଥି ଭାବେ ଇଟାମାଟି ପଂଚାୟତର ସରପଂଚ ସ୍ୱପ୍ନେରୀଶ୍ୱ ସେଠି, ସମ୍ମାନୀତି ଅତିଥି ଭାବେ ସମାଜ ସେବୀ ନବ କିଶୋର ସାହୁ ଯୋଗ ଦେଇଥିଲେ । ନବୋଦୟ, ଆଦର୍ଶ ଓ ବୃତି ପରୀକ୍ଷା ରେ ନୟାଗଡ଼ ବ୍ଲକ ଇଟାମାଟି ସ୍ଥିତ ଗଜାନନ ଷ୍ଟଡି ପଏଂଟ ଅଭୁତ ପୂର୍ବ ସଫଳତା ହାସଲ କରିଛି । ନବୋଦୟ ପରୀକ୍ଷାରେ । ଉକ୍ତ ଅନୁଷ୍ଠାନର ଆଦ୍ୟଶା ସେଠୀ, ସାଗରିକା ବଳିଆର ସିଂ ଏବଂ ରିସିକା ଅଗ୍ରୱାଲ ସଫଳତା ହାତେଇ ଥିବା ବେଳେ ୫ମ ଶ୍ରେଣୀ ସରକାରୀ ବୃତି ପରୀକ୍ଷାରେ ସ୍ୱର୍ଣ୍ଣପ୍ରଭା ଆଡ, ସଞ୍ଜୟ କୁମାର ନାୟକ, ମୋତି ଲାଲ୍ ମହାପାତ୍ର, ପ୍ରୀତି ପ୍ରାଜ୍ଞା ରାଉତ ଉଲ୍ଲେଖ ନୀୟ ସଫଳତା ହାସଲ କରିଛନ୍ତି । ସେହିଭଳି ଚଳିତ ଶିକ୍ଷା ବର୍ଷ ଆଦର୍ଶ ପରୀକ୍ଷାରେ ଆଦ୍ୟାଶା ସେଠୀ, ରିସିକା ଅଗ୍ରୱାଲ, ସ୍ୱର୍ଣ୍ଣ । ପ୍ରତ୍ୟାଙ୍କିତ । ବିଶ୍ୱାଳ, ସାଗରିକ ବଳିଆର ସିଂ, ଆଲିଶ । ମହାରଣା, ରୋହନ ପ୍ରଧାନ, ଅବିନାଶ ସାହୁ, ସିମ୍ରନ୍ ବିଶ୍ୱାଳ, ଦେବାଶିଷ ପଲେଇ, ରୋହନ ଭୂୟାଁ, ଶୁଭ୍ରାଂଶୁ ସାଲୋନିକା ନାୟକ, ଶୋୟମ୍ ଶେଖର ନାୟକ, ଜିଜ୍ଞାସା ଆଚାର୍ଯ୍ୟ, ଅନ୍ୱେଷା । ନାୟକ, ପ୍ରତ୍ୟୁଷ । ଲଗ୍ନା ନାୟକ ଓ ସୋମେଶ ସେଠୀ ଇତ୍ୟାଦି ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ଅଭିଭବକ ମହଲରେ ବେଶ୍ ଖୁସି ର ଲହରୀ ଖେଳି ଯାଇଛି । ଏହି ପରିପ୍ରେକ୍ଷୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ କରାଯାଇଥିବା ଅନୁଷ୍ଠାନର କର୍ମକର୍ତା ପ୍ରକାଶ କରିଛନ୍ତି ଉକ୍ତ କାର୍ଯ୍ୟକ୍ରମରେ ଗଜାନନ ଷ୍ଟଡି ପଏଂଟର ପ୍ରତିଷ୍ଠାତା ବିକାଶ କୁମାର ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମାନସିକ ଅନଗ୍ରସର ଆଶ୍ରମରୁ ଯୁବକ ନିଖୋଜ

ଧାମନଗର(ନିପ୍ର): ଧାମନଗର ଜରାଶ୍ରମ ପରିସର ରେ ଥିବା ମାନସିକ ଅନଗ୍ରଶର ଆଶ୍ରମ ରୁ ବୁଦ୍ଧିଆ (୩୨) ନାମକ ଜଣେ ଯୁବକ ଗତ ଦୁଇ ଦିନ ଧରି ନିଖୋଜ ହୋଇଥିବା ଘଟଣା ନେଇ ଅଂଚଳରେ ଚିନ୍ତା ବ୍ୟକ୍ତ ହୋଇଛି । ପୋଲିସ ସୂଚନା ଅନୁସାରେ, ଉକ୍ତ ଯୁବକ ମାନସିକ ଭାବେ ଅଶୁସ୍ତ ଥିବାରୁ ନିଜ ପରିଚୟ ସ୍ୱଷ୍ଟ କହିପାରୁନଥିଲା । ଗତ ୨୦୨୫ ମସିହା ମେ ମାସ ୧୨ ତାରିଖରେ ଜାତୀୟ ରାଜପଥ ଏନଏଚ-୧୬ ରୁ ତାଙ୍କୁ ଉଦ୍ଧାର କରି ଆଶ୍ରମରେ ରଖାଯାଇ ଥିଲା । ନିଖୋଜ ସମୟରେ ସେ ପଲ୍-ପଲ୍ କଲର ସାର୍ଟ ଓ ଜିନ୍ସ ପ୍ୟାଂଟ ପିନ୍ଧିଥିବା ଜଣାପଡ଼ିଛି । ଉଚ୍ଚ ବାଉଣ୍ଡରି ଓ ଭିତରେ କଠୋର ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ସେ କିପରି ବାହାରିଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି । ସେ ପଳାଇଯାଇଥିବା କିମ୍ବା ଅନ୍ୟ କୌଣସି ପରିସ୍ଥିତି ରହିଛି କି ନାହିଁ, ସେଥିପାଇଁ ତଦନ୍ତ ଆବଶ୍ୟକ ବୋଲି ସ୍ଥାନୀୟମାନେ ଦାବି କରିଛନ୍ତି । ଏନେଇ ଦାୟୀତ୍ୱରେ ଥିବା ଥାନା ଅଧିକାରୀ ଅଭିନାଶ ପରିଡା ପକ୍ଷରୁ ଖୋଜାଖୋଜି ଜାରି ରହିଥିବା ବେଳେ, କେହି ଯଦି ଏହି ଯୁବକଙ୍କୁ କେଉଁଠି ଦେଖିଥିବେ, ତେବେ ତୁରନ୍ତ ନିକଟସ୍ଥ ଥାନାକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ପୋଲିସ ୪୫ /୨୬ ରେ ଏକ ନିଖୋଜ ମାମଲା ରୁଜୁ ହୋଇଛି । ଏ ନେଇ ଆଶ୍ରମର କାଉନ ସିଲର ଦିବିରଞ୍ଜନ ବିଶ୍ୱାଳ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି, ଆଶ୍ରମ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ଉକ୍ତ ଯୁବକ ପାଚେରୀ ଡେଇଁ ଯାଇଛି ବୋଲି ଆଶ୍ରମର ଅଧିକାରି ମଧୁସ୍ମିତା ବେହେରା କହିଛନ୍ତି ।

# ଜଳଛତ୍ର ଉଦ୍‌ଘାଟନ ଓ ଦହିପାଣି ବିତରଣ



କଟକ(ନିପ୍ର): କଟକର ଅଗ୍ରଣୀ ସମାଜ ସେବା ସଂଗଠନ 'ୟୁଥ୍ ୱିଂ ଆସୋସିଏସନ' ତରଫରୁ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ଦହିପାଣି ବଂଟନ ଓ ଜଳଛତ୍ରର ଆୟୋଜନ ସିଡିଏ - ୬ ନମ୍ବରସ୍ଥିତ ଜଗନ୍ନାଥ ମନ୍ଦିର ସାମ୍ନାରେ ମୁଖ୍ୟରାସ୍ତା ପାର୍ଶ୍ୱରେ କରାଯାଇଥିଲା । ଏହି ଅବସରରେ ପ୍ରାୟ ୪୦୦୦ ଲୋକଙ୍କ ପାଇଁ ଦହି ପାଣି ବ୍ୟବସ୍ଥା କରାଯାଇଥିଲା । ଏଥିରେ ସବୁ ପଥଚାରୀ, ଆମ ବସ ଚାଳକ ଓ ଯାତ୍ରୀ ମାନଙ୍କୁ ଦହି ପାଣି ଦିଆ ଯାଇଥିଲା । ସଂଘର ସଭାପତି ଆଶିଷ ଦେ, ଉପସଭାପତି ରୋଶନ କୁମାର ସାହୁ, ସମ୍ପାଦକ ବିବେକ ପଟ୍ଟନାୟକ, କୋଷାଧକ୍ଷ ଡ. ଦିଗବିଜୟ ସାହୁ ଓ ଅନ୍ୟାନ୍ୟ ସଦସ୍ୟମାନେ ହେଲେ ପ୍ରିୟରଞ୍ଜନ, ବ୍ରଜେଶ, ଲିଟୁ, ଆଲୋକ, ସାର୍ଥକ, ରୋନାକ, ଚଣ୍ଡୀ ପ୍ରସାଦ, ବାଦଲ ମହାନ୍ତି, କୁମାର ରାଜରଞ୍ଜନ, ସନ୍ତୋଷ କୁମାର ପାତ୍ର, ସତ୍ୟମ ରାଉତ ଓ ଅନ୍ୟମାନେ ଯୋଗ ଦେଇ ଥିଲେ । ୟୁଥ ୱିଂ ଆସୋସିଏସନର ଏହି ଜଳ ସେବା କାର୍ଯ୍ୟକ୍ରମ ବହୁତ ସଫଳ ଓ ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ଖୁବ୍ ପ୍ରଶଂସନୀୟ ହୋଇଥିଲା । ଆଗକୁ ଏହି ଭଳି କାମ ଜାରିରହିବ ବୋଲି ସମ୍ପାଦକ ବିବେକ ପଟ୍ଟନାୟକ ସୂଚନା ଦେଇଥିଲେ ।

# ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଇତିହାସ ବିଭାଗର ବିଦାୟ ସମ୍ବର୍ଦ୍ଧନା ସମାରୋହ




ବ୍ରହ୍ମପୁର(ନିପ୍ର): ଇତିହାସ ପୁରାତନ କଥା ଓ ଗାଥା ବଖାଣୁଥିଲେ ମଧ୍ୟ ସର୍ବଦା ନିତ୍ୟ ନୂତନ କ୍ଷ ଇତିହାସ ପ୍ରକୃତରେ ଆଗାମୀ ଦିନର ମାର୍ଗଦର୍ଶିକା କ୍ଷ କୌଣସି ଏକ ଜାତିର ଉଜ୍ଜ୍ୱଳମୟ ଭବିଷ୍ୟତ ନିର୍ମାଣରେ ଇତିହାସ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଏବଂ ଇତିହାସର ଉଦୀୟମାନ ଗବେଷକମାନେ ପ୍ରକୃତ ସତ୍ୟ ଓ ପ୍ରାମାଣିକ ତଥ୍ୟ ଆଧାରରେ ଇତିହାସର ପୁନର୍ଲିଖନ କରନ୍ତୁ ବୋଲି ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝା ମତବ୍ୟକ୍ତ କରିଛନ୍ତି । ବ୍ରହ୍ମପୁର ମହାନଗରାଂଚଳ ଉପକଣ୍ଠ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତର ଇତିହାସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଡ. ଓଝା କହିଲେ, ଇତିହାସର ଆଇନାରେ ବର୍ତମାନକୁ ମହିମା ମଣ୍ଡିତ କରାଯିବା ଦରକାର । ଇତିହାସରୁ ଜାତି ଶକ୍ତି ସଂଚୟ କରେ । ଇତିହାସ ମଧ୍ୟ ଜାତିକୁ ସଠିକ୍ ମାର୍ଗଦର୍ଶନ କରାଇଥାଏ । ପରିବର୍ତିତ ବିଶ୍ୱ ପ୍ରେକ୍ଷାପଟରେ ସାମସମୟିକ ଇତିହାସ ସମସ୍ତ ବିଦ୍ୟା ଶୃଙ୍ଖଳା ସହିତ ସଂଯୋଜିତ ହେବା ସଂଗେ ସଂଗେ ଏହାର ପୁନର୍ଲିଖନର ଆବଶ୍ୟକତା ରହିଛି ବୋଲି ଡ. ଓଝା କହିଥିଲେ । ମହାବିଦ୍ୟାଳୟ ଅଧକ୍ଷ ତଥା ସ୍ନାତକୋତର ଇତିହାସ ବିଭାଗ ମୁଖ୍ୟ ଡକ୍ଟର୍ ଦେବରାଜ ସ୍ୱାଇଁ ଏହି ସମାରୋହରେ ପୌରୋହିତ୍ୟ କରିଥିଲେ । ପ୍ରାଗ୍-ଭାଷରେ ଡ. ସ୍ୱାଇଁ ଇତିହାସ ଅଧ୍ୟୟନର ପରିସର ଓ ପ୍ରାସଙ୍ଗିକତା ସଂପର୍କରେ ସୂଚାଇବା ସହ ବିଦାୟୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ଜୀବନର ଅର୍ଥପୂର୍ଣ୍ଣ ଉତରୋତର ଉନ୍ନତି କାମନା କରିଥିଲେ । ଏହି ସମାରୋହରେ ସ୍ନାତକୋତର ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟା ଡକ୍ଟର୍ ଶିବାନୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଇତିହାସ ଅଧ୍ୟୟନର ଆବଶ୍ୟକତା ଏବଂ ବୃତି ଚୟନ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ସଂପର୍କରେ ଛାତ୍ରଛାତ୍ରୀଙ୍କୁ ସଦୁପଦେଶ ପ୍ରଦାନ କରିଥିଲେ । ଇତିହାସ ବିଭାଗ ଅତିଥି ଅଧ୍ୟାପିକା ଡ. ରୋଜାଲିନ୍ ଷଡ଼ଙ୍ଗୀ, ଅତିଥି ଅଧ୍ୟାପକ ନୀଳାଂଚଳ ବେହେରା, ଅତିଥି ଅଧ୍ୟାପକ ଟି. ଗଣେଶ ଓ ଅତିଥି ଅଧ୍ୟାପିକା ଶ୍ରୀୟା ସଂଜୀବନୀ ପାତ୍ର ପ୍ରମୁଖ ଆଶୀର୍ବଚନ ପ୍ରଦାନ ପୂର୍ବକ ବିଦାୟୀ ଛାତ୍ରଛାତ୍ରୀଙ୍କ ଜୀବନର ଉତରୋତର ସମୃଦ୍ଧି କାମନା କରିଥିଲେ । ଶେଷରେ ଅଧ୍ୟାପକ ଟି. ଗଣେଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ଶ୍ରୀୟା ସଂଜୀବନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।





# ୨କି.ମି. ମୁଣ୍ଡରେ ଆଣିବାକୁ ପଡୁଛି ପାନୀୟ ଜଳ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଡୁଆଝର ପଂଚାୟତର ଗୁଡଭେଲି ଗାଁରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି । ସୂଚନା ଅନୁସାରେ ଗୁଡ଼ଭେଲି ଗାଁ ରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି ହେଲେ ନିୟମିତ ଭାବରେ ପାଣି ବିତରଣ କରାଯାଉ ନ ଥିବା ଅଭିଯୋଗ ଆସିଛି ସ୍ଥାନେ ସ୍ଥାନେ ପାଇପ ଫାଟି ଯାଇ ଥିବାରୁ ଉପର ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଂଚି ପାରୁ ନାହିଁ ଉପର ପଡ଼ା କୁ ବିଲକୁଲ ପାଣି ପହଂଚି ପାରୁ ନ ଥିବାରୁ ନାହିଁ ନ ଥିବା ଅସୁବିଧା ସହିବାକୁ ପଡୁଛି । ପାନୀୟ ଜଳର ଅଭାବରୁ ଗାଁ ଲୋକେ ସ୍ଥାନୀୟ ସୁନ୍ଦର ନଦୀ କୁ ଦୁଇ କିଲୋମିଟର ଉପରେ ଚାଲି ଚାଲି ଆସି ନଦୀରେ ଖାଲ କରି ପାଣି ଛେଦଇ ନେବାର ନଜିର ରହିଛି । ଧୁ ଧୁ ଖରାରେ ମୁଣ୍ଡ ରେ ବୋହି ଦୁଇ କିଲୋମିଟର ପାଣି ଆଣିବା କେତେ ଯେ କଷ୍ଟ ସନ୍ଧ୍ୟା ବ୍ୟାପାର ଆପଣଙ୍କ ଅନୁମାନ କରିପାରୁଥିବେ । ଗାଁ ରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଣି ଅଭାବବୁ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳୁଛି । ବିଦ୍ୟାଳୟ ରୋଷେୟା ମାଁ ମାନେ ନିଜ ଘରୁ ପାଣି ମୁଣ୍ଡେଇ କି ନେଇ ରୋଷେଇ କରନ୍ତି ଛାତ୍ର ଛାତ୍ରୀ ମାନେ ଘରୁକୁ ପାଣି ପିଇ ବାକୁ ଯାଆନ୍ତି । ଏହି ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି । ଡୁଆଝର ଗାଁ ଓଭାର ଟେଙ୍କ ରୁ ଗୁଡଭେଲି ଗାଁକୁ ବୁଲି କି ପାଣି ଆସୁଥିବାରୁ ଗାଁ ର ସମସ୍ତ ପଡ଼ା କୁ ଠିକ୍ ସମୟରେ ପାଣି ପହଂଚି ପାରୁ ନାହିଁ । ପାଣି ବିତରଣରେ ଅନିୟମିତତା ରହୁଛି ।

# ବରିଷ୍ଠ ନାଗରିକ ସୁରକ୍ଷା ମଂଚର ନବମ ବାର୍ଷିକ ଉତ୍ସବ ପାଳିତ

ପୁରୀ(ନିପ୍ର): ବରିଷ୍ଠ ନାଗରିକ ମାନେ ଅଲୋଡା ନୁହନ୍ତି । ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ । ସର୍ବୋଦୟ ନଗର ଶିରିଡି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଂଚର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକ ମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି ।ଏହା ଏକ ସୁନ୍ଦର ପଦକ୍ଷେପ । ଏକ ହେ, ତୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠ ମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଦାବି ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଇପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି ।ସେମାନେ ମଧ ସଂଘ ମାଧମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି । ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଂଚ ସଂଚାଳନ କରିଥିଲେ । କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଂଚ, ମୁଖ୍ୟ ପରାମର୍ଶ ଦାତା ଭୀମସେନ୍ ପଣ୍ଡା, କୋଷାଧକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଂଜନ ଦାସ, ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।ଆଜୀବନ ସଦସ୍ୟ ପ୍ରଫେସର ପ୍ରଭାତ ରଂଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡା, ହର ପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁରେଶ କୁମାର ମୁନି, ଜଗବନ୍ଧୁ ରଥ, ବିଭୁତି ଭୂଷଣ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

# ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ, ୧୦ ଗିରଫ



ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ ଅଭିଯୋଗ ମାମଲା । ଟ୍ରାକ୍ଟର ଡ୍ରାଇଭର ଓ ଜମି ମାଲିକ ସମେତ ୧୦ଅଭିଯୁକ୍ତଙ୍କୁ ଗିରଫ କଲା କୋରେଇ ପୋଲିସ । ୭ଟ୍ରାକ୍ଟର ଓ ୨ଜେସିବି ମେସିନ ଜବତ କଲା କୋରେଇ ପୋଲିସ । ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ମାଟି ବୋଝେଇ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା ।ଗୁରୁତର ଅବସ୍ଥାରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ ତହସିଲଦାର । ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଯାଜପୁର ରୋଡ ଏସଡିପିଓ । ସୂଚନା ମୁତାବକ କୋରେଇ ଥାନା ତୁଳତୀ ସର୍କଲ ରାଜସ୍ୱ ନିରୀକ୍ଷକ ଇତ୍ରିଶ୍ରୀ ସେନାପତିଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା ପୋଲିସ ।ତଦନୁଯାୟୀ ଗତ ୧୮ତାରିଖ ପୂର୍ବାହ୍ନ ୧୧.୩୦ ରେ ସେ ତହସିଲଦାର ବ୍ୟାସନଗରଙ୍କ ସହିତ ତହସିଲ ଅଫିସ୍ ଗାଡ଼ିରେ ଫିଲ୍ଡ ଇନକ୍ୱାରି ପାଇଁ ଫଜଲପୁର ମୌଜାକୁ ଯାଉଥିବା ବେଳେ, ମିନା ବଜାର ନିକଟରେ ପ୍ଲଟ୍ ନମ୍ବର-୪୫୯ରେ ୨ଟି ଜେସିବି ମେସିନ୍ ଓ ୭ଟି ଟ୍ରାକ୍ଟର ଦ୍ୱାରା ଅବୈଧ ମାଟି ଖନନ ଓ ପରିବହନ ହେଉଥିବା ଦେଖିବାକୁ ପାଇଥିଲେ । ତାହାପରେ ସେମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ସେଠାରେ ଥିବା ଲୋକମାନଙ୍କୁ ମାଟି ଖନନ ସମ୍ପର୍କିତ ବୈଧ ଡକ୍ୟୁମେଂଟ ଦେଖାଇବାକୁ କହିଥିଲେ । ଏହି ସମୟରେ ହଠାତ୍ ଗୋଟିଏ ଜେସିବି ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲା । ଏହି ସମୟରେ ଗୋଟିଏ ଟ୍ରାକ୍ଟର ତିବ୍ର ଗତିରେ ତାଙ୍କ ଦିଗକୁ ମାଡି ଆସିଥିଲା । ତହସିଲଦାର, ବ୍ୟାସନଗର ପ୍ରଶାନ୍ତ ପଣ୍ଡାଙ୍କ ଉପରେ ମାଡିଯିବା ଫଳରେ ସେ ଭୂମି ଉପରେ ପଡ଼ିଯାଇଥିଲେ ଓ ସେହି ଟ୍ରାକ୍ଟର ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଚାପି ଦେଇ ପଳାଇଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା । ସେ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ପାଦ ଓ ଅନ୍ୟାନ୍ୟ ଶରୀର ଅଂଶରେ ଗୁରୁତର ଚୋଟ ଲାଗିଥିଲା । କିନ୍ତୁ ସେ ସୌଭାଗ୍ୟ କ୍ରମେ ପ୍ରାଣରକ୍ଷା କରିଥିଲେ । ସ୍ଥାନୀୟ ଲୋକମାନଙ୍କ ସହଯୋଗରେ କୋରେଇ ସିଏଚ୍ସି କୁ ଚିକିତ୍ସା ପାଇଁ ନିଆଯାଇ ଥିଲା ।ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ପଠାଯାଇ ଥିଲା ।ଏହିପରିସ୍ଥିତିରେ ସେ ଆଇନଗତ କାର୍ଯ୍ୟପାଇଁ ଥାନାରେ ଅଭିଯୋଗ ହୋଇଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନେ: (୧) ହିଦାୟତୁଲ୍ଲା ଖାନ୍ (ଆଲିଆସ୍) ବନ୍ଟୁ – ଟ୍ରାକ୍ଟର ଡ୍ରାଇଭର, (୨) ମାଜିତ ଆହମତ ଖାନ୍ (ଆଲିଆସ୍) ରାଜା – ଟ୍ରାକ୍ଟର ଡ୍ରାଇଭର, (୩) କିର୍ତନ ଜେନା – ଡ୍ରାଇଭର, (୪) ମାନିର ମହମ୍ମଦ – ଡ୍ରାଇଭର, (୫) ଶେଖ ଚନ୍ଦା – ଜମି ମାଲିକ (ଏକ ଟ୍ରାକ୍ଟର ମାଲିକ), (୬) ପିଙ୍କୁ ପେନ୍ଥେଇ – ଜେସିବି ଡ୍ରାଇଭର, (୭) ଜିତେନ୍ଦ୍ର ବେହେରା – ଜେସିବି ଡ୍ରାଇଭର, (୮) ଶେଖ ସାହିଲ୍ – ସୁପରଭାଇଜର, (୯) ମିତୁ ପରିଆଡା – ଟ୍ରାକ୍ଟର ଡ୍ରାଇଭର, (୧୦) ଶେଖ ନାୟତ୍ (ଆଲିଆସ୍)ସୋହାଇବ୍ କାଦିର – ଟ୍ରାକ୍ଟର ଡ୍ରାଇଭର ।

# ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ



କଟକ(ନିପ୍ର): ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ ମେରିଆ ବଜାର କଟକର ଅଗ୍ରଣୀ ସ୍ୱେଚ୍ଛାସେବୀ ସମାଜ ସେବା ସଂଗଠନ । ଏହି ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ୩ୟ ବାର୍ଷିକ ଉତ୍ସବ' କଟକ ସ୍ଥିତ କର୍ମବୀର ଗୌରୀଶଙ୍କର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ସହ ସମ୍ପାଦକ ଶ୍ରୀଯୁକ୍ତ ନୀରୋଜ କୁମାର ପରିଡ଼ାଙ୍କ ସ୍ୱରଚିତ ପୁସ୍ତକ 'ଶାଶ୍ୱତ ବର୍ଣ୍ଣାଳୀ', ଏକ ଚର୍ଯ୍ୟାପଦ ବିଶିଷ୍ଟ କବିତା ପୁସ୍ତକ ଲୋକାର୍ପଣ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟିକା ଭାବରେ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ସନ୍ୟାସିନୀ ସୁଶ୍ରୀ ବିଦ୍ୟୁତ୍ କୁମାରୀ ଲାଲା, ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶକ ଡଃ. ସତ୍ୟବ୍ରତ ମହାପାତ୍ର, ବରେଣ୍ୟ ଅତିଥି ବରିଷ୍ଠ ଶଲ୍ୟ ଚିକିତ୍ସକ ଡାଃ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଡାଃ ପ୍ରହଲ୍ଲାଦ ଚନ୍ଦ୍ର ବିଶ୍ୱାଳ, ସମ୍ମାନନୀୟ ବକ୍ତା ଶିକ୍ଷାବିତ୍ ତଥା ବିଶିଷ୍ଟ ସମାଜସେବୀ ସୁମିତ୍ ମିତ୍ର, ସମ୍ମାନନୀୟ ଅତିଥି ମୀରା ବେଉରା, ସମ୍ମାନନୀୟ ଅତିଥି ଡଃ ବିକାଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇସଂଗଠନର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଅନୁଷ୍ଠାନର କୋଷାଧକ୍ଷା ପଙ୍କଜିନୀ ପରିଡ଼ା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଚିତ ରଞ୍ଜନ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ ।

# ନୂଆସାହିରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ଗ୍ରାମ ପଂଚାୟତ ଅଧୀନ ନୂଆସାହି ଠାରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରାଣପ୍ରତିଷ୍ଠାର ଶନିବାର ପ୍ରଥମ ସଂଧ୍ୟାରେ ପ୍ରସିଦ୍ଧ ଭଜନ ଗାୟକ ଶ୍ରୀଚରଣ ଓ ସାଥି କଳକାର ମାନଙ୍କ ଭଜନ ପରିବେଶ କୁ ଭକ୍ତିମୟ କରିବା ସହ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ସକାଳେ କଳସ ଶୋଭାଯାତ୍ରା ଗାଁ ପୋଖରୀରୁ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ଦିବସ ବ୍ୟାପି ଯଜ୍ଞକର୍ମ ପରେ ସଂଧ୍ୟାରେ ଶ୍ରୀଚରଣ ଓ ତାଙ୍କ ସାଥୀ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ମନୋମୁଗ୍ଧକର ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ ଏହି ମନ୍ଦିର ପ୍ରତିଷ୍ଠାକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ ସହଯୋଗ କରିଥିବା ବଦ୍ରିନାରାୟଣ ପାତ୍ର, ଜଗନ୍ନାଥ କୁଞ୍ଜବିହାରୀ ସ୍ୱାଇଁ, ବସନ୍ତ ପଣ୍ଡା, ଶଶିକାନ୍ତ ଜେନା, ଶଶିକାନ୍ତ ପଣ୍ଡା, ଜନହିତ ଯୁବକ ସଂଘ, ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ସର୍ବୋପରି ମୁଖ୍ୟ ଉଦ୍ୟକ୍ତା ଅଭୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ରବିବାର ଦ୍ୱିତୀୟ ଦିବସରେ ପଣ୍ଡିତ ଧିରେନ୍ଦ୍ର ଦାଶ, ଅଭିଲାଶ ମିଶ୍ର, ଲକ୍ଷ୍ମୀନାରାୟଣ ଦିକ୍ଷିତ, ସଞ୍ଜିତ ପଣ୍ଡା ଓ ଦିବେଶ ଦ୍ୱିବେଦୀଙ୍କ ଦ୍ୱାରା ଯଜ୍ଞାଦି କର୍ମ ଏବଂ ରାଧାଚରଣ ଦାଶଙ୍କ ତତ୍ୱାବଧାନରେ ୩ ବିଗ୍ରହଣଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନଦୀବନ୍ଧ ସୁରକ୍ଷା ପ୍ରାଚୀର ନିର୍ମାଣ: ନିୟମକୁ ଜଳାଞ୍ଜଳି, ବିନା ରଡ଼୍‌ରେ ଚାଲିଛି କଂକ୍ରିଟ କାମ

ଧାମନଗର(ନିପ୍ର): ଧାମନଗର ଜଳସଂପଦ ଉପଖଣ୍ଡ ଅଧୀନରେ ଥିବା ଆନନ୍ଦପୁର ପଂଚାୟତର ମାନଲାପୁର ସ୍ଲୁଇସ ଗେଟ୍ ନିକଟରେ ଚାଲିଥିବା ନଦୀବନ୍ଧ ସୁରକ୍ଷା ପ୍ରାଚୀର ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ବୈତରଣୀ ନଦୀର ପ୍ରଖର ସ୍ରୋତ ଓ ଜଳ ପ୍ରବାହକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରାଚୀର ଅତ୍ୟନ୍ତ ନିମ୍ନମାନର ଭାବେ ନିର୍ମାଣ କରାଯାଉଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଭାରତୀୟ ମାନକ (ଓଝ ଉକ୍ସୟର ୪୫୬:୨୦୦୦) ଅନୁଯାୟୀ, ନଦୀକୂଳ ଭଳି ସମ୍ବେଦନଶୀଳ ସ୍ଥାନରେ ଯେଉଁଠାରେ ଜଳର ପ୍ରଖର ଚାପ ଥାଏ, ସେଠାରେ ଗ-୩୦ କିମ୍ବା ତା'ଠାରୁ ଅଧିକ ଗ୍ରେଡ୍ ?ର ରିଇନଫୋର୍ସଡ୍ ସିମେଂଟ କଂକ୍ରିଟ ବ୍ୟବହାର କରିବା ଅନିବାର୍ଯ୍ୟ । ଏହି ନିୟମ ଅନୁସାରେ ଉଚ୍ଚମାନର ଲୁହା ରଡ୍ ବ୍ୟବହାର କରି କାନ୍ଥକୁ ଶକ୍ତିଶାଳୀ କରାଯିବା କଥା । କିନ୍ତୁ ମାନଲାପୁରଠାରେ କୌଣସି ଲୁହା ରଡ୍ ବ୍ୟବହାର ନକରି କେବଳ ପ୍ଲେନ୍ କଂକ୍ରିଟରେ ପାଚେରୀ ଠିଆ କରାଯାଉଛି । ଫଳରେ ସାମାନ୍ୟ ବନ୍ୟା ଜଳର ଚାପରେ ଏହି ପାଚେରୀ ଯେକୌଣସି ମୁହୂର୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି । ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଏହି କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଠିକାଦାର ସାଇଟ୍‌ରେ ଉପସ୍ଥିତ ରହୁନାହାନ୍ତି । ଶ୍ରମିକମାନେ ନିଜ ମନମୁତାବକ ସିମେଂଟ, ବାଲି ଓ ଚିପ୍ସର ମିଶ୍ରଣ କରୁଛନ୍ତି । ମାନକ ଅନୁଯାୟୀ କଂକ୍ରିଟ୍ ମିଶ୍ରଣ ହେବା ପରିବର୍ତେ ଏଠାରେ ୧ ଭାଗ ସିମେଂଟରେ ୪ ଭାଗ ବାଲି ଓ ୬ ଭାଗ ଚିପ୍ସ ବ୍ୟବହାର କରାଯାଉଛି, ଯାହା କାନ୍ଥର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଉଲ୍ଲେଖଯୋଗ୍ୟ ଯେ, ସ୍ଲୁଇସ୍ ଗେଟ୍ ଅଂଚଳଟି ଏକ ଉପତ୍ୟକା ସଦୃଶ ହୋଇଥିବାରୁ ବୈତରଣୀର ହଜାର ହଜାର ଘନଫୁଟ୍ ପାଣି ଏଠାରେ ଠୁଳ ହୋଇଥାଏ । ଏହି ପ୍ରଖର ଜଳରାଶି ସ୍ଲୁଇସ୍ ଦେଇ ଗାଁ ଭିତରକୁ ପ୍ରବେଶ କରେ । ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ମୂଳଦୁଆ ପାଇଁ ମାଟି ଅତିକମରେ ୩ ଫୁଟ୍ ଖୋଳାଯିବା କଥା । ମାତ୍ର ଠିକାଦାର ମାଟି ନ ଖୋଳି ଉପରେ ଉପରେ ପାଚେରୀ ତିଆରି କରୁଥିବା ଦେଖିବାକୁ ମିଳିଛି ।ସୁରକ୍ଷା ପ୍ରାଚୀର ନାମରେ ଏଭଳି ପ୍ରହସନ ବନ୍ଦ କରି ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଯଦି ବନ୍ୟା ପୂର୍ବରୁ ଏହି କାର୍ଯ୍ୟର ସଂସ୍କାର କରାନଯାଏ, ତେବେ ଆଗାମୀ ଦିନରେ ବୈତରଣୀ ବନ୍ୟାରେ ଆନନ୍ଦପୁର ପଂଚାୟତର ବହୁ ଗ୍ରାମ ଜଳମଗ୍ନ ହେବାର ଭୟ ରହିଛି । ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି । ଏ ଦିଗରେ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ସାହୁ କହିଛନ୍ତି ଯେ ଏପରି ଅଭିଯୋଗ ର ତଦନ୍ତ କରାଯିବ ।

# ଫରେଷ୍ଟରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଧାମନଗର(ନିପ୍ର): ଧାମନଗର ବନ ବିଭାଗ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି । ଧୁଷୁରୀ ଅଂଚଳର ବାସିନ୍ଦା ତଥା ଦୋବଲ ବିଟ ଦାୟିତ୍ୱରେ ଥିବା ବନପାଳ ରେବତୀ ତ୍ରିପାଠୀ, ଫରେଷ୍ଟର ବସନ୍ତ ମାଝିଙ୍କ ବିରୋଧରେ ମାନସିକ ଓ ବୃତିଗତ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ଅଭିଯୋଗ ମୁତାବକ, ବସନ୍ତ ମାଝି ତାଙ୍କୁ ବାରମ୍ବାର ନିରୋଳାରେ ପାଖକୁ ଡାକିବା, ଅଯଥା କାର୍ଯ୍ୟରେ ନିୟୋଜିତ କରିବା ଏବଂ ଗାଳିଗୁଲଜ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ରେବତୀ ଶନିବାର ରାତିରେ ଧାମନଗର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ । ଏତଲାକୁ ଆଧାର କରି ପୋଲିସ କେଶ୍ ନଂ ୧୬୭/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଏସ୍ଆଇ କଳ୍ପନା ରାଉତଙ୍କୁ ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ତେବେ ତଦନ୍ତ ପ୍ରକ୍ରିୟା ମଧ୍ୟରେ ଆଜି ପୋଲିସ ପକ୍ଷରୁ ବୟାନ ରେକର୍ଡ ପାଇଁ ରେବତୀଙ୍କୁ ଥାନାକୁ ଡକାଯାଇଥିଲେ ହେଁ ସେ ଅନୁପସ୍ଥିତ ରହିଥିଲେ । ସେ ଅସୁସ୍ଥ ଥିବା ଏବଂ ଚିକିତ୍ସା ପାଇଁ ଯାଜପୁରରେ ଅଛନ୍ତି ବୋଲି ପୋଲିସକୁ କହିଥିଲେ । ଅନ୍ୟପଟେ ଅଭିଯୁକ୍ତ ବସନ୍ତ ମାଝି ଏହି ଅଭିଯୋଗକୁ ସଂପୂର୍ଣ୍ଣ ମିଛ ଓ ଭିତିହୀନ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଦୋବଲ ବିଟ୍‌ରେ ଜଙ୍ଗଲ ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେବାରୁ ଏବଂ କାର୍ଯ୍ୟରେ ଅବହେଳା ପାଇଁ କୈଫିୟତ ମାଗିବାରୁ ରେବତୀ ମହିଳା ହେବାର ଫାଇଦା ନେଇ ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି । ବର୍ତମାନ ପୋଲିସ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଛାନଭିନ୍ ଜାରି ରଖିଛି ।

# ଉତ୍କଳ ଜନନୀ ସେବା ସଂଗଠନ ଓ ଅଖିଳେଶ୍ୱର ଯୁବକ ସଙ୍ଘ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଳେଶ୍ୱର(ନିପ୍ର): ସଙ୍ଗଠନର ସଭାପତି ହେମନ୍ତ କୁମାର ଜନ୍ମ ଦିନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଂଚାୟତ ସ୍ଥିତ ଗୋବର୍ଦ୍ଧନପୁର ଗ୍ରାମରେ ଗଢ଼ି ଉଠିଥିବା ଉତ୍କଳ ଜନନୀ ସେବା ସଂଗଠନ ଓ ଅଖିଳେଶ୍ୱର ଯୁବକ ସଙ୍ଘ ମିଳିତ ଆନୁକୂଲ୍ୟରେ ସଙ୍ଗଠନର ସଭାପତି ହେମନ୍ତ କୁମାର ଜେନାଙ୍କ ଜନ୍ମ ଦିନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗ୍ରାମ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରକୁ ବରିଷ୍ଠ ସମାଜସେବୀ ବ୍ରଜ ମୋହନ ପ୍ରଧାନ ଆନୁଷ୍ଠାନିକ ଭାବେ ଫିତା କାଟିବା ସହ ନଡ଼ିଆ ଫଟେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତୀ, ସାଙ୍ଗଠନିକ ସଭାପତି ମନୋରଞ୍ଜନ ଦାସ, ହାତୀଗର୍ଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଭୀଷ୍ମ ପରିଡ଼ା, ଗ୍ରାମ କମିଟିର ସମ୍ପାଦକ ପ୍ରଦୀପ କୁମାର ନାଥ, ସଙ୍ଗଠକ ହେମନ୍ତ ଜେନାଙ୍କ ପିତା ଗୁଣାକର ଜେନା ଓ ମାତା ସରସ୍ୱତୀ ଜେନା ଉପସ୍ଥିତ ହୋଇ ସଙ୍ଗଠନ ଓ କ୍ଲବ ଏଭଳି ଏକ ପ୍ରୟାସ କରିଥିବାରୁ ସେମାନଙ୍କୁ ପ୍ରସଂଶା କରିଥିଲେ । ଟେକ୍ନିସିଆନ ଦେବାଶିଷ ଦତ, ରାଜେଶ ମିଶ୍ର, ବିନୋଦ ଦାସ ଓ ବିଜୟ ପଟ୍ଟନାୟକ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତଦାତାଙ୍କ ପରୀକ୍ଷା ନିରୀକ୍ଷା କରିବା ପରେ ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରରୁ ମୋଟ ୯୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ହେମନ୍ତ କୁମାର ଜେନା, ପ୍ରଭାକର ନାଥ, ସାଗର ନାଥ, ଜିତାଂଶୁ ନାଥ, ତାପସ ନାଥ, ଦିଲ୍ଲୀପ ଜେନା, ଗଣେଶ ଚନ୍ଦ୍ର ଜେନା, ସତ୍ୟନାଥ ଦାସ, ଉମେଶ ଜେନା, ସତ୍ୟବ୍ରତ ପଣ୍ଡା, ସତ୍ୟ ସାଧନ ନାଥ, ଗୋପବନ୍ଧୁ ନାଥ ଜଗତ ଜ୍ୟୋତି ଜେନା, ଅମିତ ନାଥ, ପ୍ରଦୀପ ନାଥ, ଜିତୁ ଜେନା, ରାକେଶ ଜେନା,ଚନ୍ଦନ ନାଥ, ସୁବ୍ରତ ନାଥ, ଶ୍ରୀହରି ମହାନ୍ତି, ହିମାଂଶୁ ନାଥ, ଶ୍ରୀକାନ୍ତ ନାଥ, ରତନ ନାଥ, ଗୌରବ ବେହେରା, ଜୀବନ ଜ୍ୟୋତି ଜେନା, ରୋହିତ ଜେନା, ଗଗନ ବିହାରୀ ସାହୁ, ସୁମତି ସାହୁ, ଅଳକା ଜେନା, ନିହାରିକା ଜେନା, ଜୟଶ୍ରୀ ଜେନା, ଜ୍ୟୋତିର୍ମୟ ଜେନା, ସତ୍ୟମୟ ଜେନା, ରାଜେଶ ଜେନା, ରାଜୀବ ଜେନା, ଆଶୁତୋଷ ବାରିକ, ସୀତାରାମ ଦାସ, ମମତା ଜେନା ପ୍ରମୁଖ ସଙ୍ଗଠନର କର୍ମକର୍ତା ଉପସ୍ଥିତ ରହି ରକ୍ତଦାନ କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ୬ ମାସ ପରେବି ନିଯୁକ୍ତି ଅପେକ୍ଷାରେ ଅସହାୟ ବିଧବା ମହିଳା

ବାଲିଆପାଳ,(ନି.ପ୍ର)ବାଲିଆପାଳ ବ୍ଲକ ସାଉଡ଼ି ଗ୍ରାମ ପଂଚାୟତ ଅଧିନ ସି ଚକ ପ୍ରାଥମିକ ବିଦ୍ୟାଳୟରେ ପାଚିକ ନିଯୁକ୍ତିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ବାଲିଆପାଳ ବିଇଓଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି । ଜଣେ ଅସହାୟ ବିଧବା ମହିଳାଙ୍କ ନିଯୁକ୍ତିକୁ ଯଥାର୍ଥ ଦର୍ଶାଇ ବିଦ୍ୟାଳୟ ପରିଚାଳନା କମିଟି ତୁରନ୍ତ ନିଯୁକ୍ତି ନେଇ ଦାବୀ କରୁଥିବା ବେଳେ ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରାର୍ଥୀ ବ୍ଲକ ବାହାର ଅଂଚଳର ବୋଲି କହି ଦିନ ପରେ ଦିନ ଗଡାଇ ଚାଲିଛନ୍ତି ।ଏହାରି ମଧ୍ୟରେ ୬ ମାସ ବିତି ଥିଲେବି ନିଯୁକ୍ତି ନ ପାଇ ଦୁଃଖ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି ଅସହାୟ ବିଧବା ମହିଳା ।ଅନ୍ୟ ପକ୍ଷରେ ବିଦ୍ୟାଳୟରେ ପାଚିକା ନ ଥିବାରୁ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଦ୍ୟାଳୟର ଶିକ୍ଷକ ।

ଘଟଣାରୁ ପ୍ରକାଶ ଯେ ସି ଚକ ପ୍ରାଥମିକ ବିଦ୍ୟାଳୟର ପାଚିକା ବାସନ୍ତୀ ପାଢୀଙ୍କୁ ୬୦ ବର୍ଷ ହେବାରୁ ଗତ ୨୦୨୫ ଅଗଷ୍ଟ ମାସରେ ଅବସର ନେଲେ ।ତାଙ୍କ ପରେ ବିଦ୍ୟାଳୟ ପରିଚାଳନା କମିଟି ଗତ ବର୍ଷ ସେପଟ୍ମ୍ବର ୨୪ ତାରିଖରେ ବିଦ୍ୟାଳୟ ନିକଟରେ ବାସ କରୁଥିବା ଇତିସ୍ମିତା ସାହୁ ଯିଏକି ଜଣେ ବିଧବା ଅସହାୟ ମହିଳାଙ୍କୁ ନିଯୁକ୍ତି ଦେଇଥିଲେ ।ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସାଲମା ଟୁଡୁ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପରଦିନ ଅର୍ଥାତ ଗତବର୍ଷ ସେପଟ୍ମ୍ବର ମାସ ୨୫ ତାରିଖରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ ।ମାତ୍ର ଗ୍ରାମର କିଛି ନ୍ୟସ୍ତ ସ୍ୱାର୍ଥ ନେ୍ୱସି ଗୋଷ୍ଠୀ ଇତିସ୍ମିତା ର ଘର ବାଲିଆପାଳ ବ୍ଲକ ଅଧୀନରେ ନୁହେଁ ତାର ଘର ବାଲେଶ୍ୱର ସଦର ବ୍ଲକ ବୋଲି ଦର୍ଶାଇ ବାଲିଆପାଳ ବିଇଓଙ୍କ ଠାରେ ଅଭିଯୋଗ କଲେ ।ଯାହା ଫଳରେ ବି ଇ ଓ ଉକ୍ତ ନିଯୁକ୍ତି କୁ ବାତିଲ କରି ପୁଣି ପରିଚାଳନା କମିଟି ବସି ପାଚିକା ଚୟନ କରିବା ପାଇଁ ବିଦ୍ୟାଳୟ କୁ ଚିଠି କରିବା ପରେ ଦ୍ୱିତୀୟ ବୈଠକରେ ମଧ ଉକ୍ତ ମହିଳା ଙ୍କୁ ସମସ୍ତେ ନିଯୁକ୍ତି ପାଇଁ ସମର୍ଥନ କରି ଲିଖିତ ଭାବେ ବାଲିଆପାଳ ବି ଇ ଓ ଙ୍କୁ ଜଣାଇଥିଲେ ।ମାତ୍ର ଏହାରି ମଧ୍ୟରେ ୬ ମାସ ବିତିବାକୁ ବସିଲାଣି ହେଲେ ନିଯୁକ୍ତି ହେଉନି ।ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱେଶ୍ୱର ବାରିକ,ସଦସ୍ୟ ସୁବଳ ଚରଣ ଜେନା,ସୁଜିତ ପ୍ରଧାନ,ବିଜୟ ଦାସ,ଉତମ ଦାସ,ଶିଶିର କୁମାର ମଲ୍ଲିକ,ଅଞ୍ଜନା ଜେନା,ସ୍ନେହଲତା ମହାନ୍ତି, ସାଗରିକା ମଣ୍ଡଳ,ମିତାରାଣୀ ଜେନା,ତିଳତମା ମହାନ୍ତି, ଚନ୍ଦ୍ର ମଣି ମହାନ୍ତି ପ୍ରମୁଖ ବାଲିଆପାଳ ବି ଇ ଓଙ୍କ ଠାରେ ବାରମ୍ବାର ଭେଟିବା ଏବଂ ଲିଖିତ ଭାବରେ ଜଣାଇବା ପରେ ଏବେ ବାଲିଆପାଳ ବିଇଓ ଜଗବନ୍ଧୁ ଜେନା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ



ଅନୁମତି ମଗାଯାଇଛି ଅନୁମତି ଆସିଲେ ସିଧାନ୍ତ ନିଆଯିବ ବୋଲି କହୁଛନ୍ତି ।କମିଟି ସଦସ୍ୟ ମାନେ ଏ ବିଷୟରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଠି ସମସ୍ୟା ବିଷୟରେ ଜଣାଇ ବା ପରେ ବି ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନାହିଁ ବୋଲି କହିଛନ୍ତି ।ନିଯୁକ୍ତି ଅପେକ୍ଷାରେ ଥିବା ଅସହାୟ ବିଧବା ମହିଳା ଇତିସ୍ମିତା ସାହୁ ମଧ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଭେଟି ନିଜର ଅସହାୟତା ବିଷୟରେ ଜଣାଇ ସାରିଲେଣି ।ଯଦି ଏ ବିଷୟରେ ତୁରନ୍ତ ତାଙ୍କୁ ନିଯୁକ୍ତି ଦିଆ ନ ଯାଇ ନିଜର ଦୁଇଟି ଛୋଟ ଛୋଟ ପିଲାଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣାରେ ବସିବେ ବୋଲି ଦୁଃଖର ସହିତ କହିଛନ୍ତି ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୁହ ଚିତ୍ରାଙ୍କନ ପ୍ରତିଯୋଗିତା

ବାରିପଦା (ନି.ପ୍ର.) ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ 'ବାସ୍ତବ' ପରିବାର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି ଓ ନର୍ସରୀ ରୁ ୧୦ମ ଶ୍ରେଣୀର ୩ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଓ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଅନେକ ସଂଖ୍ୟାରେ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା ଓ ବାସ୍ତବ ଅନୁଷ୍ଠାନ ସମାଜରେ ବିଭିନ୍ନ କ୍ଷେତ୍ରରେ ଯଥା ସ୍ୱାସ୍ଥ୍ୟସେବା, ପରିବେଶ ସନ୍ତୁଳନ, ସ୍କୁଲ ସ୍ତରରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ସ୍ୱଲିଖିତ କବିତାଆବୃତି ,

ବିଦ୍ୟାଳୟମାନଙ୍କୁ ପୁସ୍ତକ ଦାନ ତଥା ସୁନନ୍ଦନ ବୃତି ଯୋଜନା ମାଧ୍ୟମରେ ମ୍ୟାଟ୍ରିକ



ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଆର୍ଥିକ ଅନୁଦାନ ଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ସମାଜରେ ଉଦାହରଣ ସୃଷ୍ଟି କରି ପାରିଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପିଲାମାନଙ୍କୁ ପ୍ରମାଣ ପତ୍ର ଏବଂ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ ଓ ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରିଥିଲେ ଓ ଏହି ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଥିଲେ ଓ ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲୱାଲ, ବିନୋଦ ସାହୁ ,ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଂଜୀବ ପଟ୍ଟନାୟକ ତଥା ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପାନୀୟ ଜଳର ସମସ୍ୟା ପାଇଁ ଦୁଇ କିଲୋମିଟରକୁ ଯାଇ ନଦୀରୁ ପାଣି ବୋହି କି ଆଣିବାକୁ ପଡୁଛି

ନୂଆପଡ଼ା, (ନି.ପ୍ର) ନୂଆପଡା ଜ଼ିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମ ପଂଚାୟତ ସ୍ଥିତ ଆଦିବାସୀ ବହୁଳ ଗୁଡଭେଲି ଗାଁରେ ଦେଖାଦେଇଛି ବିଶୁଦ୍ଧ ପାନୀୟ ଜଳ ସମସ୍ୟା । ସରକାର ଙ୍କ ବସୁଧା ଯୋଜନାରେ ଏହି ଗାଁକୁ ନିକଟସ୍ଥ ସୁନ୍ଦର ନଦୀ ରୁ ୧୯୯୭ ମସିହାରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଛି ସତ ! ହେଲେ ଗାଁକୁ ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହୁଛି । ଏଭଳି ଖାମଖିଆଲି ଭାବରେ ଜଳ ଯୋଗାଣ ହେଉଥିବାରୁ ବୁନ୍ଦାଏ ପାଣିପାଇଁ ଗାଁଲୋକେ ଏବେ ଡହଳ ବିକଳ ହେଉଥିବା ଦେଖା ଦେଇଛି । ଶେଷରେ ବାଧ ହୋଇ ଗାଁର ମହିଳା ମାନେ ଶୋଷ ମେଂଟାବା ପାଇଁ ୨କିମି ଦୂରତା ସୁନ୍ଦର ନଦୀ ପଠାରେ ଗାତ ଖୋଳି ଦୂଷିତ ପାଣି କୁ ସଂଗ୍ରହ କରୁଥିବା ଦେଖାଦେଇଛି । ଅପରପକ୍ଷେ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ବିଭାଗ ଗାଁର ପାଣି ସମସ୍ୟା ପ୍ରତି ଦୃଷ୍ଟି



ଦେଉନଥିବା ଗାଁ ମହିଳା ମାନେ ଅଭିଯୋଗ କରିଛନ୍ତି । ନୂଆପଡା ଜ଼ିଲ୍ଲା ସଦର ମହୁକମା ଠାରୁ ୮୦ କିମି ଦୂରତା ରେ ଅବସ୍ଥିତ ଡୁଆଝର ଗ୍ରାମ ପଂଚାୟତ ର ଆଦିବାସୀ ବହୁଳ ଗୁଡ଼ଭେଲି ଗାଁ । ଏହି ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଗ୍ରୀଷ୍ମ ପ୍ରବାହରେ ଶୋଷ ମେଂଟାଇବା ପାଇଁ ଗାଁରେ ମହିଳା ମାନେ ୨ କିମି ଦୂରତା ସୁନ୍ଦର ନଦୀ ପଠା ରେ ଗାତ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଦେଇଛି । ଗାଁର ମହିଳା ମାନେ ଦଳ ଦଳ ହୋଇ ପ୍ରଚଣ୍ଡ ମୁଣ୍ଡ ଫଟା ଖରାକୁ ଖାତିରି ନକରି ବାଧହୋଇ ନଦୀ ପଠାକୁ ଯାଇ ନଦୀର ଦୂଷିତ ଜଳ କୁ ସଂଗ୍ରହ କରୁଛନ୍ତି । ଏହି ପାଣି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥିବା ବେଳେ, ବିକଳ୍ପ ର ବାଟ ନପାଇ ବାଧ ହୋଇ ଏହି ପାଣି ରେ ଶୋଷ ମେଂଟାଉଥିବା ଗାଁ ମହିଳା ମାନେ କହିଛନ୍ତି ।

ଆଦିବାସୀ ବହୁଳ ଗୁଡଭେଲି ଗାଁକୁ ସରକାର ଙ୍କ ଜନ ସ୍ୱାସ୍ଥ୍ୟ ବିଭାଗ ବସୁଧା ଯୋଜନା ରେ ସାମିଲ କରି ୧୯୯୭ ମସିହା ରୁ ନିକଟସ୍ଥ ସୁନ୍ଦର ନଦୀ ତଟ ରେ ସିନଟେକ୍ସ ଗଭୀର କୂପ ଖୋଳି ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିଥିଲା । ସେତେବେଳ ଠାରୁ ୨୦୧୬ ମସିହା ପର୍ଯ୍ୟନ୍ତ ଗାଁଲୋକେ ଭଲ ଭାବରେ ପାଣି ପାଉଥିଲେ । ୨୦୧୭ ମସିହାରେ ଏହି ଜଳ ଯୋଗାଣ ପ୍ରକଳ୍ପ କୁ ବୁଲାଣିଆ କରି ନିକଟସ୍ଥ ଡୁଆଝର ଗାଁକୁ ଯୋଡି ଦେଲା ପ୍ରଶାସନ । ଏଭଳି କରିବା ଦ୍ୱାରା ୨୦୧୭ ମସିହାରୁ ଗୁଡଭେଲି ଗାଁକୁ ପାଣି ପହଂଚି ପାରୁନାହିଁ । ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନିଦିନ ଜଳ ଯୋଗାଣ ବନ୍ଦ ରହୁଛି । ଆଗ ଭଳି ପର୍ଯ୍ୟାପ୍ତ ମାତ୍ରାରେ ପାଣି ପାଇବାରୁ ଗାଁଲୋକେ ବଂଚିତ ଥିବା ଅଭିଯୋଗ କରିଛନ୍ତି । ଦୁଃଖର ବିଷୟ ଗାଁର ପ୍ରାଥମିକ ବିଦ୍ୟାଳୟ ଅଙ୍ଗନ ୱାଡି କେନ୍ଦ୍ର କୁ ମଧ ଜଳ ଯୋଗାଣ ବନ୍ଦ ରହିଥିବା ବେଳେ, ବିଦ୍ୟାଳୟ ରେ ନଳକୂପ ମଧ ନାହିଁ ।ଫଳରେ କୋମଳ ମତି ଛାତ୍ରଛାତ୍ରୀ ଜଳ କଷ୍ଟ ଭୋଗୁଛନ୍ତି । ଏଭଳିକି ମଧ୍ୟାନ୍ନ ଭୋଜନ ପ୍ରସ୍ତୁତ ପାଇଁ ପାଚକ ପାଚିକା ମାନେ ଗୋଟିଏ କିମି ଦୂରତା ରୁ ପାଣି ନେଇ ରୋଷେଇ କରୁଥିବା କହିଛନ୍ତି । ତୁରନ୍ତ ସରକାର ଏହି ଆଦିବାସୀ ଗାଁ ଲୋକଙ୍କ ପାଇଁ ପୂର୍ବ ଭଳି ଜଳ ଯୋଗାଣ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ, ନଚେତ ଆଗାମୀ ଦିନରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନି ଦେଇଛନ୍ତି । ଅପରପକ୍ଷେ ଗୁଡଭେଲି ଗାଁକୁ ପାଣି ପହଂଚି ପାରୁନଥିବା ଘଟଣା କୁ ଖଡ଼ିଆଳ ବିଡ଼ିଓ ସ୍ୱୀକାର କରିବା ସହିତ ତଦନ୍ତ କରି ତୁରନ୍ତ ପାଣି ଯୋଗାଇ ଦିଆଯିବ ବୋଲି ବିଡ଼ିଓ ମିଳନ ଝଙ୍କାର କହିଛନ୍ତି ।

# ଆସନ୍ତା ୨୦ରୁ ୨୩ ତାରିଖ ଯାଏଁ ବନ୍ଦ ରହିବ ସମସ୍ତ ଶିକ୍ଷାନୁଷ୍ଠାନ: ଜିଲ୍ଲାପାଳ

ବାରିପଦା, (ନି.ପ୍ର.) ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ସ୍କୁଲ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦.୦୪.୨୦୨୬ (ସୋମବାର) ରୁ ୨୩.୦୪.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସମସ୍ତ ସ୍କୁଲଗୁଡିକ ବନ୍ଦ ରହିବ । ସେହିପରି ଜିଲ୍ଲାର ସମସ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ବନ୍ଦ ରହିବା ସହ ଏଠାରେ ଥିବା ଛାତ୍ରଛାତ୍ରୀଙ୍କୁ ଘରକୁ ଫେରାଇ ନେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି । ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଶ୍ରୀ ସୟ୍ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ୫ମ ଓ ୮ମ ଶ୍ରେଣୀର ସାପ୍ଲିମେଂଟାରୀ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ଜାରି ରହିବ । ପରୀକ୍ଷା ସମୟରେ ସମସ୍ତ ସତର୍କତା ଅବଲମ୍ବନ ପୂର୍ବକ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଫଳ, ଫଳରସ, ଓଆରଏସ୍ ମହଜୁଦ୍ ରଖିବାକୁ କୁହାଯାଇଛି । ସେହିପରି ଜନଗଣନା କାର୍ଯ୍ୟ ମଧ ଯଥା ପୂର୍ବ ଜାରି ରହିବ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟମିତ ବିଦ୍ୟାଳୟକୁ ଯାଇ ଜାରି ରହିଥିବା ନାମଲେଖା ପ୍ରକ୍ରିୟା, ଜନଗଣନା ପ୍ରକ୍ରିୟା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଅବଗତ କରାଯାଇଛି । ଏହା ସହ ଗ୍ରୀଷ୍ମର ବଢୁଥିବା ପ୍ରଭାବକୁ ଦୃଷ୍ଟିରେ ରଖି କୌଣସି ନୂତନ ପଦକ୍ଷେପ ନିଆଗଲେ ଆଗୁଆ ସୂଚାଇ ଦିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

# ମହାପୁରୁଷ ମୁହମ୍ମଦ ସମଗ୍ର ବିଶ୍ୱବାସୀଙ୍କ ପାଇଁ କରୁଣାର ସାଗର ହୋଇଆସିଥିଲେ

ବାଙ୍କୀ: ବାଙ୍କୀ-ତୁଳସୀପୁର ସ୍ଥିତ ନରଗାଙ୍ଗ ଗ୍ରାମର ଅହମଦିୟା ମୁସଲିମ ସଂଗଠନ ପକ୍ଷରୁ ମହାପୁରୁଷ ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଉପଲକ୍ଷେ ଏକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା କଟକ-ଢେଙ୍କାନାଳ-ଅନଗୁଳ- କେନ୍ଦ୍ରାପଡାର ସଭାପତି ମୌଲାନା ସେକ ହାରୁନ ରଶିଦ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ମୌଲବି ମିର ରଜାକ ଅଲ୍ଲି କରିଥିବା ବେଳେ ଏହାର ଓଡିଆ ଅନୁବାଦ ନରଗାଙ୍ଗ ଅହମଦିୟା ମୁସଲିମ ସଂଗଠନର ସଭାପତି ଆଶିକ ଖାଁ ପଢି ଶୁଣାଇଥିଲେ । ଉର୍ଦ୍ଦୁ ନଜମ ସଂଗୀତ ବରକାତ ଅଲ୍ଲି ପରିବେଷଣ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ମୌଲାନା ଇନଚାର୍ଜ ହଲିମ ଅହମଦ ପୈଗମ୍ବର ହଜରତ ମୁହମ୍ମଦଙ୍କ ମହିଳା ସଶକ୍ତିକରଣ, ତାଙ୍କର ଅଧିକାର ତଥା ସମାଜରେ ନାରୀର ପ୍ରକୃତ ସ୍ଥାନ ବିଷୟରେ ଆଲୋକପାତ କରି କହିଲେ, ପିତା ମାତାର ସେବା ଓ ସତ୍ ?କାର କରିଲେ ହିଁ ସ୍ୱର୍ଗପ୍ରାପ୍ତ ହେବ ବୋଲି ହଜରତ ମୁହମ୍ମଦ କହି ସର୍ବ ପ୍ରଥମେ ମାତା ପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ । ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତା ମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍ ?କାର କରି ସ୍ୱର୍ଗଗାମୀ ହୋଇ ପାରିନଥାଏ । । ପୁଣି ସେ ସେ କହିଲେ; ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତମ କାର୍ଯ୍ୟ ମଧ୍ୟରୁ ମାତା ପିତାଙ୍କ ସହ ସଦ୍ ?ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ । କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ' ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତା ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି । ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍ ?ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ । ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀ ସମ୍ପତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ ପ୍ରଦାନ କରିଥିଲେ । ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନ ଯାପନ କରିପାରିବେ । ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୁରଣ କରିବା ପୁରୁଷ ପ୍ରତି ଏକ ସଂପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି ।ଓଡିଆ ନଜମ ସଂଗୀତ ଫଜଲେ ମୋମିନ ପଢିଥିଲେ ।ମୁଖ୍ୟ ଅତିଥି ଭାବେ ଜିଲ୍ଲା କଟକ-ଢେଙ୍କାନାଳ-ଅନଗୁଳ- କେନ୍ଦ୍ରାପଡାର ମୌଲାନା ଇନଚାର୍ଜ ସେକ ଇସହାକ ଯୋଗଦେଇ ଆଦର୍ଶବାଦୀ ମହାମାନ୍ୟ ମହାପୁରୁଷ ହଜରତ ମୁହମ୍ମଦଙ୍କ ପବିତ୍ର ଆଦର୍ଶ ସମ୍ପର୍କରେ ମତାମତ ରଖି କହିଲେ, ପୈଗମ୍ବର ମୁହମ୍ମଦ ସଲ୍ଲମ ଥିଲେ ଇସଲାମ ଧର୍ମର ପ୍ରବର୍ତକ । ସେ ମହାମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ । ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ ଓ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ । ଯାହା ଫଳରେ ଏପରି ଏକ କ୍ରାନ୍ତିକାରୀ ଅଧ୍ୟାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ । ସର୍ବ ପ୍ରଥମେ ପୈଗମ୍ବର ମୁହମ୍ମଦ ସଲ୍ଲମ ମାନବ ଅଧିକାରକୁ



ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ, ନୈତିକ, ଭୌତିକ ଏବଂ ଆଧାତ୍ମିକ କ୍ଷେତ୍ରରେ ସମ୍ମାନ ଜନକ ଅଧିକାର ଦେଇଥିଲେ ।ମୌଲାନା ମକସୁଦ ଅଲ୍ଲି ଖାନ୍ ବିଶ୍ୱଏକତା ଓ ଭାଇଚାରା ବିଷୟରେ ଏକ ସୁନ୍ଦର ହିନ୍ଦୀ କବିତା ପଢି ଶୁଣାଇଥିଲେ । ପୌରୋହିତ୍ୟ ଭାଷଣରେ ମୌଲାନା ହାରୁନ ରଶିଦ ଦିବ୍ୟ ଅବତାର ଓ ଜଗତଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଈଶ୍ୱର ପ୍ରତି ଥିବା ଦୃଢ ଆସ୍ଥା ଓ ଏକାଗ୍ରତା, ମାନବ ସମାଜ ପ୍ରତି ସହାନୁଭୂତି ଓ ସଦଭାବନା ତଥା ମାନବ କଲ୍ୟାଣ ସମ୍ବନ୍ଧରେ ତାଙ୍କର ଆଦର୍ଶକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ, କଟକ-ଢେଙ୍କାନାଳ-ଅନଗୁଳ- କେନ୍ଦ୍ରାପଡାର ଜିଲ୍ଲା ନାଜିମ ସୟଦ ବଶିର ଅହମଦ, ଜିଲ୍ଲା କଟକ ଯୁବ ସଂଗଠନର ସଭାପତି ସଫାକତ ଅଲ୍ଲି, ନରଗାଙ୍ଗ ଅହମଦିୟା ମୁସଲିମ ସଂଗଠନର ମୌଲାନା ଇଫତେଖାର ଅହମଦ, କଟକ ଜିଲ୍ଲାର ଉପସଭାପତି ରଶିଦ ଅହମଦ, କଟକର ମୌଲାନା ଫଜଲ ହକ ଖାନ, ବାଙ୍କୀ ବି.ଜେ.ପି ପ୍ରତିନିଧି ତୁଷାରକାନ୍ତ ଚକ୍ରବର୍ତୀ, କଟକ ସାଂସଦ ନିର୍ବାଚିତ ପ୍ରତିନିଧି ସରୋଜ କୁମାର ମତଗ ସିଂ, ନରଗାଙ୍ଗ ପୂର୍ବତନ ସରପଂଚ ଗଣେଶ୍ୱର ଜେନା, ଆଡଭୋକେଟ ଦେବାଶିଷ ମାନସିଂ ଏବଂ ବାଙ୍କୀ ଏନ.ଏ.ସି ମଣ୍ଡଳ ସଭାପତି ସଞ୍ଜୟ ରଣା ଯୋଗଦେଇଥିଲେ ।

# କେନ୍ଦ୍ରର ୟୁଜିସି ବିଲ୍ ଓ ରାଜ୍ୟର ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତି ଆଧାରିତ କୋଟା ବିରୁଦ୍ଧରେ ସାଧାରଣ ବର୍ଗ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରରେ ଆଜି ସାଧାରଣ ବର୍ଗର ଲୋକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଟଏଉ ବିଲ୍ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଜାତି ଆଧାରିତ ସଂରକ୍ଷଣ ପ୍ରତ୍ୟାହାର ଦାବିରେ ଏକ ବ୍ୟାପକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଏହି ଆନ୍ଦୋଳନରେ ଶତାଧିକ ସଚେତନ ନାଗରିକଙ୍କ ସହ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରତିନିଧିମାନେ ସମ୍ମିଳିତ ହୋଇଥିଲେ । ଆନ୍ଦୋଳନରେ ଯୋଗଦେଇ ରାଜଧାନୀ ନାଗରିକ ମଂଚର ସଦସ୍ୟା ଟାଇଫୁନ୍ ପରିଜା କହିଛନ୍ତି ଯେ, ଆଜିର ପରିସ୍ଥିତିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ ଶିକ୍ଷା, ଚାକିରି ଓ ସୁଯୋଗ କ୍ଷେତ୍ରରେ ଅନିଶ୍ଚିତତା ଓ ବିଷମତାର ସମ୍ମୁଖୀନ ହେଉଛନ୍ତି । ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଅଭିଭାବକମାନେ ଅବସାଦଗ୍ରସ୍ତ ହେଉଛନ୍ତି । ବସୁନ୍ଧରା ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର ନିଜ ମନ୍ତବ୍ୟରେ କହିଥିଲେ ଯେ, "ସାମାଜିକ ନ୍ୟାୟ ନାମରେ ଗଠିତ ନୀତିଗୁଡ଼ିକ ବାସ୍ତବରେ ସମାଜରେ ବିଷମତାକୁ ବଢ଼ାଇ ସମାଜକୁ ନଷ୍ଟ ଭ୍ରଷ୍ଟ କରୁଛି ଏବଂ ସାଧାରଣ ବର୍ଗର ଯୁବପିଢ଼ୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରୁଛି ।" ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଡାକ୍ତରୀ, ଇଞ୍ଜିନିୟରିଂ ଓ ମ୍ୟାନେଜମେଂଟ ଭଳି ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ପ୍ରୟୋଗ କରାଯିବା ଦ୍ୱାରା ଯୋଗ୍ୟତା ଓ ପ୍ରତିଭାର ଅବମୂଲ୍ୟାୟନ ହେଉଛି ଏବଂ ଦେଶ ରସାତଳଗାମୀ ହେଉଛି । ସେ କହିଥିଲେ ଯେ, ଏହା ଦ୍ୱାରା ବୃତିଗତ କ୍ଷେତ୍ରରେ ପାରଦର୍ଶିତା କ୍ଷୀଣ ହୋଇ ଚାଲିଛି ଏବଂ ସମାଜରେ ସରକାରୀ ବ୍ୟବସ୍ଥା ପ୍ରତି ବିତୃଷ୍ଣା ଭାବ ବୃଦ୍ଧି ପାଇବାରେ ଲାଗିଛି । ବ୍ରହ୍ମପୁର ନାଗରିକ ମଂଚର ଆବାହକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟର ଛାତ୍ରଛାତ୍ରୀମାନେ ଘରରଞ୍ଜ ଓ ଇଞ୍ଜିନିୟରିଂ ପରୀକ୍ଷା ପାଇଁ କଠିନ ପ୍ରସ୍ତୁତି ନେଉଥିବା ବେଳେ, ଏପରି ନୀତିଗତ ପରିବର୍ତନ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ମନୋବଳକୁ ଦୁର୍ବଳ କରୁଛି । ଏହା ଅଭିଭାବକମାନଙ୍କ ମଧ୍ୟରେ ମଧ ଗଭୀର ଚିନ୍ତା ସୃଷ୍ଟି କରିଛି । ସରକାର ତୁରନ୍ତ ଏ ନିଷ୍ପତି ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି । ସ୍ନେହୀ ସମାଜର ଅମରେନ୍ଦ୍ର ପ୍ରସାଦ ସାହୁ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ନୀତି ସାଧାରଣ ବର୍ଗ ପ୍ରତି ବୈମାତୃକ ଭାବପ୍ରକାଶ କରୁଛି, ଯାହା ସମ୍ବିଧାନରେ ଥିବା ସମାନତାର ମୂଳ ଅଧିକାରକୁ ହାନି କରୁଛି । ଆମେ ସମସ୍ତେ ସନାତନୀ ହିନ୍ଦୁ ଭାବରେ ଗର୍ବିତ ଅନୁଭବ କରୁଥିବା ବେଳେ ସରକାରଙ୍କ ନୀତି ନିୟମ ଆମକୁ ସମାଜରେ ଲଜ୍ଜିତ କରାଉଛି ବୋଲି ସେ କହିଥିଲେ । ସରକାର ଏହି ହିନ୍ଦୁ ବିଭାଜନକାରୀ ବିଲ୍ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସେ ଦାବି ରଖିଥିଲେ । ଏହି ଅବସରରେ ଅନୁସୂଚିତ ବର୍ଗର ପ୍ରତିନିଧି ଭାବରେ ଶ୍ରୀମତୀ ନମିତା ମାଧି ଯୋଗଦେଇ ସମାଜରେ ଏକତା ଓ ସମନ୍ୱୟର ବାତାବରଣ ସପକ୍ଷରେ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, "ଆମେ ସମସ୍ତେ ଗୋଟିଏ ସଂସ୍କୃତିର ଅଂଶ, ତେଣୁ ଭେଦଭାବ ବଢ଼ାଇବା ପରିବର୍ତେ ସରକାର ସମାଧାନମୂଳକ ପଦକ୍ଷେପ ନେବା ଆବଶ୍ୟକ । ଗୋଟିଏ ଭାରତ ମାତାର କୋଟି କୋଟି ସନ୍ତାନ ଏ ବିଶାଳ ସନାତନ ହିନ୍ଦୁ ସଂସ୍କୃତିର ଉତରାଧିକାରୀ ଭାବରେ ଗର୍ବିତ ଅନୁଭବ କରୁଥିବା ବେଳେ ସରକାର ଆମ ଭିତରେ ଜାତିଆଣ ଭେଦଭାବ ତୀବ୍ର କଲାଭଳି ଆଇନ୍ ପ୍ରଣୟନ କରିବା ଦୁର୍ଭାଗ୍ୟଜନକ ।' ତୁରନ୍ତ ଏ ବିଭାଜନକାରୀ ଆଇନ୍ ପ୍ରତ୍ୟାହାର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ ।

# ସ୍ମାର୍ଟଫୋନରେ ଆଧାର ଆପ୍ ବାଧ୍ୟତାମୂଳକ ପ୍ରସ୍ତାବକୁ ପ୍ରତ୍ୟାହାର କଲେ ସରକାର




ନୂଆଦିଲ୍ଲୀ : ଭାରତରେ ବିକ୍ରି ହେଉଥିବା ସ୍ମାର୍ଟଫୋନରେ ଆଧାର ଆପ୍ ପ୍ରି-ଇନଷ୍ଟଲେସନ୍ ବାଧ୍ୟତାମୂଳକ କରିବା ପାଇଁ ଏକ ପ୍ରସ୍ତାବ କିମ୍ବା ଯୋଜନାକୁ କେନ୍ଦ୍ର ସରକାର ବାତିଲ କରିଦେଇଛନ୍ତି । ଭାରତ ସରକାର ପୂର୍ବରୁ ପ୍ରତ୍ୟେକ ଫୋନରେ ଆଧାର ଆପ୍ ପ୍ରି-ଇନଷ୍ଟଲେସନ୍ କରିବାକୁ ଯୋଜନା କରିଥିଲେ । ଏହାର ଅର୍ଥ ହେଉଛି ଯେ ବ୍ୟବହାରକାରୀମାନେ ଚାହୁଁଥିଲେ କି ନ ଚାହୁଁଥିଲେ ମଧ୍ୟ ଡିଫଲ୍ଟ ଭାବରେ ଆପ୍ ପାଇପାରିବେ । କିନ୍ତୁ, ଏହା ଆଉ ହେଉନାହିଁ, ଏବଂ ଭାରତରେ ସ୍ମାର୍ଟଫୋନ୍ ବିକ୍ରୟ ପଦ୍ଧତିକୁ ପରିବର୍ତ୍ତନ କରିପାରିବା ପ୍ରସ୍ତାବକୁ ପ୍ରତ୍ୟାହାର କରିନିଆଯାଇଛି । ସମୀକ୍ଷା ପରେ, ସରକାର ଏହି ଯୋଜନା ସହିତ ଆଗକୁ ନ ବଢ଼ିବାକୁ ନିଷ୍ପତି ନେଇଛନ୍ତି । ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ପୂର୍ବରୁ ଓଙ୍କ ମନ୍ତ୍ରଣାଳୟକୁ ଏହା ପରାମର୍ଶ ଦେଇଥିଲା, କିନ୍ତୁ ସ୍ମାର୍ଟଫୋନ ନିର୍ମାତା ଏବଂ ଅନେକ ଅଂଶୀଦାରଙ୍କ ସହ ଆଲୋଚନା ପରେ, ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି ।

# ଲିଭର ୱେଲନେସ ସମିଟ-୨୦୨୬ରେ ଯୋଗ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର : ଭୁବନେଶ୍ୱର ଠାରେ ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନ ତରଫରୁ ଆୟୋଜିତ ଲିଭର ୱେଲନେସ ସମିଟ -୨୦୨୬' ରେ ଯୋଗଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ସମ୍ମିଳନୀରେ ଯକୃତର ଯତ୍ନ ସହ ଏହା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରାଯାଇଛି । ଏକ ସୁସ୍ଥ ସମାଜ ଗଠନରେ ଏଭଳି ଏକ ଆଲୋଚନାର ବହୁତ ଆବଶ୍ୟକତା ରହିଛି, ତେଣୁ ଆୟୋଜକ ବନ୍ଧୁଙ୍କୁ ଅଶେଷ ସାଧୁବାଦ ଜଣାଇଥିଲେ ମନ୍ତ୍ରୀ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଯକୃତ ଆମ ଶରୀରର ଏକ ପ୍ରମୁଖ ଅଙ୍ଗ ଅଟେ ଏବଂ ଏହାର ସୁସ୍ଥ ରହିବା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । ମାତ୍ର ବଦଳୁଥିବା ସମୟ, ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ପରିବର୍ତ୍ତନ କାରଣରୁ ଫ୍ୟାଟି ଲିଭର ଭଳି ଯକୃତ ଜନିତ ସମସ୍ୟା ବହୁ ମାତ୍ରାରେ ବୃଦ୍ଧି ପାଉଛି, ଯାହାକି ସୁସ୍ଥ ଭାରତ ଗଠନର ସବୁଠୁ ବଡ ବାଧକ । ସୁଷମ ଖାଦ୍ୟ ଗ୍ରହଣ କରିବା ପାଇଁ ସମସ୍ତେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏଥିସହ ସବୁଦିନ ଯୋଗ ପ୍ରାଣାୟାମ, କମ ତେଲ ଯୁକ୍ତ ଖାଦ୍ୟ, ଚିନିର କମ ବ୍ୟବହାରକୁ ମଧ୍ୟ ଧ୍ୟାନ ଦେବାକୁ ହେବ । ବିଶ୍ୱ ଯକୃତ ଦିବସରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସଲିଡ ହାବିଟ୍ସ, ଷ୍ଟ୍ରଙ୍ଗ ଲିଭର, ଅର୍ଥାତ ଏକ ସୁସ୍ଥ ଯକୃତ ପାଇଁ ଆମକୁ ପ୍ରଥମରେ ନିଜର ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ହେବ ଏବଂ ଏହା ମାଧ୍ୟମରେ ସୁସ୍ଥ ଭାରତ ଗଠନ ହେବ ।




# ଭଗବାନ ପର୍ଶୁରାମ ଜୟନ୍ତୀ ଓ ଅକ୍ଷୟ ତୃତୀୟାର ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଏବଂ କେନ୍ଦ୍ରୀୟ ଗୃହ ଓ ସହକାରିତା ମନ୍ତ୍ରୀ ଅମିତ ଶାହଙ୍କ ସହିତ ଅନେକ ନେତା ଆଜି ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଏବଂ ଅକ୍ଷୟ ତୃତୀୟାର ପବିତ୍ର ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିର୍ଲା 'ଏକ୍ସ'ରେ କହିଛନ୍ତି, "ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଏବଂ ଅକ୍ଷୟ ତୃତୀୟାର ପବିତ୍ର ପର୍ବରେ ସମସ୍ତ ଦେଶବାସୀଙ୍କୁ ହୃଦୟପୂର୍ଣ୍ଣ ଶୁଭେଚ୍ଛା ! ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ଭଗବାନ ପର୍ଶୁରାମଙ୍କ ଆଦର୍ଶଗୁଡ଼ିକୁ ଜୀବନରେ ଅନୁସରଣ କରିବାକୁ ସଂକଳ୍ପ ନେବା ଏବଂ ଏକ ନ୍ୟାୟପୂର୍ଣ୍ଣ, ସଶକ୍ତ ଓ ମୂଲ୍ୟଭିତ୍ତିକ ସମାଜ ଗଢ଼ିବାରେ ନିଜ ଅବଦାନ ଦେବା । ଭଗବାନ ଶ୍ରୀହରିଙ୍କୁ ପ୍ରାର୍ଥନା ଯେ ଅକ୍ଷୟ ତୃତୀୟା ପର୍ବ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ଓ ନୂତନ ଶକ୍ତି ଆଣୁ ଏବଂ ପ୍ରତ୍ୟେକ ଘରରେ ଖୁସି ଓ ସକାରାତ୍ମକତାର ସଂଚାର କରୁ ।" ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭଗବାନ ପର୍ଶୁରାମ ଆମକୁ ଅନ୍ୟାୟ ବିରୋଧରେ ଦୃଢ ଭାବେ ଠିଆ ହେବା ଓ ସତ୍ୟର ପଥରେ ତିଷ୍ଠି ରହିବାର ପ୍ରେରଣା ଦିଅନ୍ତି । ତାଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରୁ । ଅକ୍ଷୟ ତୃତୀୟା ପର୍ବ ଆମକୁ ସତ୍କର୍ମ, ଦାନ ଓ ସେବାର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦିଏ । ଏହି ଅବସର ପ୍ରତ୍ୟେକଙ୍କ ଜୀବନରେ ସୁଖ, ସୌଭାଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ଆଣୁ, ସମସ୍ତଙ୍କୁ ଅକ୍ଷୟ ଫଳ ମିଳୁ, ଏହା ମୋର କାମନା । ଅମିତ ଶାହ କହିଛନ୍ତି ଯେ ଧର୍ମରକ୍ଷା ଓ ନ୍ୟାୟପ୍ରିୟତାର ପ୍ରତୀକ ଭଗବାନ ପର୍ଶୁରାମଙ୍କ ନିକଟରେ ସେ ଦେଶବାସୀଙ୍କ ମଙ୍ଗଳ କାମନା କରୁଛନ୍ତି ।

# ଆଜି କଟକରେ ଅଖିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ



କଟକ : ଆସନ୍ତା ୨୦ ତାରିଖ ଚାଷୀଙ୍କ ମହାପର୍ବ ଅକ୍ଷୟ ତୃତୀୟାରେ କଟକରେ ଅଖିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଦ୍ୟାଧରପୁରସ୍ଥିତ ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ର (ଏନ୍‌ଆର୍‌ଆର୍‌ଆଇ) ମୁଖ୍ୟମନ୍ତ୍ରୀ ପ୍ରାୟ ସକାଳ ୮.୪୫ରେ ଆସି ପହଂଚିବେ । ସେଠାରେ ସକାଳ ୯.୧୦ରୁ ୯.୪୦ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଏହି ଅବସରରେ ସେଠାରେ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିବେ । ଏହାପରେ ସଭାର ଆୟୋଜନ ହେବ । ଏଥିରେ ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିବେ । ଏହି ସଭାରେ ବଡ଼ସଂଖ୍ୟାରେ ଆଖୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ସଭା ପରେ 'କୃଷି ରଥ'କୁ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଓ ଏହା ପରେ ବିହନ ବୁଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ, ସୋମବାର ଅକ୍ଷୟ ତୃତୀୟା । ସେହି ଦିନ ଚାଷୀ ଅଖି ମୁଠି ଅନୁକୂଳ କରିବେ । ଜମିରେ ବିହନ ବୁଣିବେ । ଖରିଫରେ ଚାଷ କାମ ଏପ୍ରିଲରୁ ଆରମ୍ଭ ହୋଇ ସେପ୍ଟେମ୍ବରରେ ସରିବ । ହେଲେ ଏବେ ରାଜ୍ୟରେ ଚାଷୀଙ୍କ ପାଖରେ ପହଂଚି ପାରିନି ସରକାରୀ ବିହନ । ରାଜ୍ୟର ବିଭିନ୍ନ ଜିଲ୍ଲାରେ କୃଷି ଅଧିକାରୀଙ୍କ ନିକଟରେ ବିହନ ଗଚ୍ଛିତ ହୋଇ ଥିଲେ ମଧ୍ୟ ତାହା ଚାଷୀଙ୍କ ନିକଟରେ ପହଂଚି ପାରିନି । ଏଭଳି ସ୍ଥିତିରେ ଚାଷୀ କେମିତି ଅକ୍ଷୟ ତୃତୀୟା ପରେ ବିହନ ବୁଣିବ, ତାକୁ ନେଇ ଚିନ୍ତାରେ ।

# ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର : ଭାରତ ସରକାରଙ୍କ ମାନ୍ୟବର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ରାଜ୍ୟରେ ରେଳ ସଂଯୋଗ ବିସ୍ତାର ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ପ୍ରତି ଆଲୋକପାତ କରିଥିଲେ । ମାନ୍ୟବର ମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ । ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେସନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କେନ୍ଦ୍ରିକ ଉନ୍ନତିକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଶ୍ରୀ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ, ଯେଉଁମାନେ କାର୍ଯ୍ୟର ପରିବର୍ତ୍ତନ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଷ୍ଟେସନରେ ବିକଶିତ ହେଉଥିବା ବିମାନବନ୍ଦର ଭଳି ସୁବିଧାଗୁଡ଼ିକର ପ୍ରଶଂସା କରିଥିଲେ । କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଏବଂ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଷ୍ଟେସନ୍‌ର ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ



ଏଲିଭେଟେଡ୍ କରିଡରର ସମୀକ୍ଷା କରି, ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ । ପରେ ସେ ହେଟେରୋଜିନିଅସ୍ ଇଂଟିଗ୍ରେସନ୍ ପ୍ୟାକେଜିଙ୍ଗ ସୋଲୁସନ୍ସ (୩ଡି ଗ୍ଲାସ୍ ସୋଲୁସନ୍ସ) ନାମକ ଭାରତର ପ୍ରଥମ ଆଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ଇଉନିଟ୍‌ର ଭୂମିପୂଜନ ଅନୁଷ୍ଠାନରେ ଯୋଗଦେଇ ଓଡ଼ିଶାରେ ଚାଲିଥିବା ରେଳ ବିକାଶ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ୯୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ରାଜ୍ୟ ସାରା କାର୍ଯ୍ୟକାରୀ ହେଉଛି, ଯାହା ରେଳ ଭିତିଭୂମିର ଏକ ଐତିହାସିକ ପ୍ରସାରକୁ ପ୍ରତିଫଳିତ କରୁଛି । ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ ଓଡ଼ିଶା ରେଳ ବିକାଶ ପାଇଁ ୧୦,୦୦୦ କୋଟି (୧୦,୯୨୮କୋଟି) ରୁ ଅଧିକ ରେକର୍ଡ ବଜେଟ୍ ଆବଂଟନ ପାଇଛି, ଯାହା ପୂର୍ବ ଦଶନ୍ଧିଗୁଡ଼ିକରେ ହାରାହାରି ଆବଂଟନ ତୁଳନାରେ ଯଥେଷ୍ଟ ଅଧିକ ଏବଂ ପ୍ରାୟ ୧୩ ଗୁଣ ଅଧିକ । ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ପଶ୍ଚିମ ଓଡ଼ିଶାରେ, ବିଶେଷକରି ଜୁନାଗଡ଼-ନବରଙ୍ଗପୁର-ଜୟପୁର-ମାଲକାନଗିରି-ଭଦ୍ରଚଳମ କରିଡର ସହିତ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ନେଇ ଉଲ୍ଲେଖ କରିଥିଲେ, ଯାହା ଆଦିବାସୀ ଏବଂ ଆକାଂକ୍ଷୀ ଅଂଚଳଗୁଡ଼ିକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ । ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସାରା ଓଡ଼ିଶାରେ ୫୯ଟି ରେଳ ଷ୍ଟେସନକୁ ପୁନଃବିକଶିତ କରାଯାଉଛି, ଯାହା ଯାତ୍ରୀମାନଙ୍କୁ ଉତ୍ତମ ଏବଂ ଆଧୁନିକ ସୁବିଧା ପ୍ରଦାନ କରିବ । ଭବିଷ୍ୟତର କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦେଇ ମନ୍ତ୍ରୀ କହିଥିଲେ ଯେ ବାଲେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ଏକ ଚାରି ଲାଇନ ବିଶିଷ୍ଟ ରେଳପଥ କରିଡର ବିକାଶ କରାଯିବ ଯୋଜନା କରାଯାଉଛି । ଏହି ରଣନୈତିକ ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ ରାଜ୍ୟରେ ସଂଯୋଗକୁ ଆହୁରି ସୁଦୃଢ଼ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ହାଓଡା-ଚେନ୍ନାଇ ମୁଖ୍ୟ ଲାଇନରେ ଭିଡ଼ କମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ, ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବ ଏବଂ ଜାତୀୟ ମାଲ ପରିବହନ ଏବଂ ଯାତ୍ରୀ ନେଟୱାର୍କ ସହିତ ଓଡ଼ିଶାକୁ ଅଧିକ ଘନିଷ୍ଠ ଭାବରେ ସଂଯୁକ୍ତ କରିବ । ସରକାରଙ୍କ ଦୃଷ୍ଟିକୋଣକୁ ଦୋହରାଇ ସେ ଦୃଢ଼ୋକ୍ତି କରିଛନ୍ତି ଯେ ରାଜ୍ୟର ସମସ୍ତ ଅଂଚଳରେ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରି ସମଗ୍ର ଓଡ଼ିଶାରେ ରେଳ ଭିତିଭୂମିର ଉନ୍ନତିକରଣ ଜାରି ରହିବ ।

# ତାମିଲନାଡୁ ନିର୍ବାଚନୀ ରାଲିରେ ରୋଡ଼ ଶୋ କଲେ ରାଜନାଥ ସିଂହ

ତେନକାଶୀ : କେନ୍ଦ୍ର ରକ୍ଷାମନ୍ତ୍ରୀ ରାଜନାଥ ସିଂହ ତାମିଲନାଡୁ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତେନକାଶୀ ଜିଲ୍ଲାର ବାସୁଦେବନଲ୍ଲୁର ବିଧାନସଭା



କ୍ଷେତ୍ରରେ ଭାରତୀୟ ଜନତା ପାର୍ଟି(ଭାଜପା)ର ପ୍ରାର୍ଥୀ ଆନନ୍ଦନ ଆୟାସ୍ୱାମୀର ସମର୍ଥନରେ ରୋଡ଼ ଶୋ କରିଛନ୍ତି । ପୁଲିୟଂଗୁଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚିନ୍ତାମଣି ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିବା ଏହି ରୋଡ଼ ଶୋ'ରେ ବଡ଼ ସଂଖ୍ୟାରେ ପାର୍ଟି କାର୍ଯ୍ୟକର୍ତ୍ତା ଏବଂ ସମର୍ଥକ ସାମିଲ୍ ଥିଲେ । ରୋଡ଼ ଶୋ' ପରେ ଜନସଭାକୁ ସମ୍ବୋଧିତ କରି ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦ୍ରାବିଡ ମୁନେତ୍ର କଡ଼ଗମ(ଦ୍ରମୁକ) ରାଜ୍ୟରେ ଆଇନ୍ ବ୍ୟବସ୍ଥାର ସ୍ଥିତି ବିଗିଡ଼ି ଯାଇଛି । ଅପରାଧ, ପିଲାଙ୍କ ବିରୋଧରେ ହିଂସା ଏବଂ ଦଳିତଙ୍କ ଉପରେ ଅତ୍ୟାଚାରରେ ବୃଦ୍ଧି ହୋଇଛି, ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏବଂ ଉଦୟନିଧି ଷ୍ଟାଲିନ୍ ଦାୟୀ ଅଛନ୍ତି । ରାଜନାଥ ସିଂହ ଅଭିଯୋଗ କରିଛନ୍ତି ଯେ ଦ୍ରମୁକ ସରକାର ଭ୍ରଷ୍ଟାଚାରରେ ବୁଡ଼ି ରହିଛି । ସେ କହିଛନ୍ତି ଯେ ରାଜ୍ୟର ମନ୍ତ୍ରୀ ଏବଂ ବିଧାୟକ ବିଭିନ୍ନ ଘୋଟାଲାରେ ଲିପ୍ତ ଅଛନ୍ତି, ଯେଉଁଥିରେ ଆୟରୁ ଅଧିକ ସମ୍ପତି, ଅବୈଧ ବାଲି ଖୋଳା ଏବଂ ଅନ୍ୟ ଗମ୍ଭୀର ଅଭିଯୋଗ ସାମିଲ୍ ଅଛି ।

# ଓଡ଼ିଶାର ବିରୋଧୀ ଦଳ ନେତାଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର : ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝାପଡୁନାହିଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତି ଆଶ୍ଚର୍ଯ୍ୟଜନକ । ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି । ସେ ଯେଉଁ କଥା କହିଛନ୍ତି, ତାହା ଭିତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି ।

## ୬୧ତମ ଫେମିନା ମିସ୍ ଇଣ୍ଡିଆରେ 'ବିଶ୍ୱ ସୂତ୍ର' କଲେକ୍ସନରେ ଭାରତୀୟ ହସ୍ତତନ୍ତର ଅନନ୍ୟ ପ୍ରଦର୍ଶନ

# 'ଫେମିନା ମିସ୍ ଇଣ୍ଡିଆ' ମୁକୁଟ ପିନ୍ଧିଲେ ସାଧ୍ୱୀ ସୈଲ୍

ଭୁବନେଶ୍ୱର : ଏକ ପ୍ରଥମ ପଦକ୍ଷେପରେ, ବିକାଶ କମିଶନର (ହସ୍ତତନ୍ତ), ବୟନ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି (ଏନଆଇଏଫଟି)ଙ୍କ କାର୍ଯ୍ୟାଳୟ 'ବିଶ୍ୱ ସୂତ୍ର - ବିଶ୍ୱ ପାଇଁ ଭାରତର ବୁଣାକାର' ଶୁଭାରମ୍ଭ କରିଛି, ଯାହା ଭୁବନେଶ୍ୱରରେ ୬୧ତମ ଫେମିନା ମିସ୍ ଇଣ୍ଡିଆରେ ଉପସ୍ଥାପିତ ଏକ ଡିଜାଇନର୍ କଲେକ୍ସନ, ଏକ ସମସାମୟିକ ବିଶ୍ୱ ଡିଜାଇନ୍ ମଧ୍ୟରେ ଭାରତୀୟ ହସ୍ତତନ୍ତକୁ ସ୍ଥାନିତ କରୁଛି । ଏହି ପ୍ରୟାସ ସାରା ଭାରତରୁ ୩୦ ଟି ସ୍ୱତନ୍ତ୍ର ହସ୍ତତନ୍ତକୁ ଏକତ୍ରିତ କରେ, ପ୍ରତ୍ୟେକଟି ଏକ ଭିନ୍ନ ରାଜ୍ୟକୁ ପ୍ରତିନିଧିତ୍ୱ କରେ, ଏବଂ ୩୦ ଟି ଦେଶରୁ ଆହୃତ ପ୍ରେରଣା ମାଧ୍ୟମରେ ସେଗୁଡ଼ିକୁ ପୁନଃ ବ୍ୟାଖ୍ୟା କରେ, ଯାହା ବିବିଧ ସାଂସ୍କୃତିକ ଉପାଦାନ, ସିଲୁଏଟ୍ ଏବଂ ଡିଜାଇନକୁ ପ୍ରତିଫଳିତ କରେ । ବିଶ୍ୱସୂତ୍ର ଭାରତୀୟ ହସ୍ତତନ୍ତକୁ ବିଶ୍ୱସ୍ତରୀୟ



ପ୍ରାସଙ୍ଗିକ ଏବଂ ଡିଜାଇନ୍-ଅଗ୍ରଗାମୀ ଭାବରେ ସ୍ଥାନିତ କରିବାର ଏକ ରଣନୈତିକ ପ୍ରୟାସକୁ ପ୍ରତିନିଧିତ୍ୱ କରେ, ଏବଂ ସେମାନଙ୍କର ପ୍ରାମାଣିକତାକୁ ବଜାୟ ରଖେ । ଏହା ଭାରତର ହସ୍ତତନ୍ତ ପରମ୍ପରାର ଗଭୀରତା ଏବଂ ନିରନ୍ତରତାକୁ ମଧ୍ୟ ପ୍ରତିଫଳିତ କରେ - ପିଢ଼ି ପରେ ପିଢ଼ି ସଂରକ୍ଷିତ ଏବଂ ପରିଷ୍କୃତ କୌଶଳ, ଦେଶର ଜୀବନ୍ତ ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ଗଠନ କରେ । ବିଶ୍ୱ ଫ୍ୟାଶନ୍ ଲେନ୍ସ ମାଧ୍ୟମରେ ସଂଗୃହିତ, ଏହି ସଂଗ୍ରହ ଭାରତୀୟ ବୟନକୁ ସ୍ୱତନ୍ତ୍ର ସାଂସ୍କୃତିକ ସିଲୁଏଟ୍ ସହିତ ଯୋଡିଥାଏ - ଗ୍ରୀକ୍ ରୂପ ସହିତ ଓଡ଼ିଶା ଇକାତ, ନରୱେଜିଆନ୍ ରେଖା ସହିତ କାଂଚିପୁରମ୍, ମିଶରୀୟ ଉପାଦାନ ସହିତ ମୁଗା, ସ୍ପାନିସ୍ ପ୍ରଭାବ ସହିତ ପଟୋଲା ଏବଂ ୟୁଏଇ-ପ୍ରେରିତ ଏନସେମ୍ବଲ୍ ସହିତ ବନାରସୀ - ଭାରତର ହସ୍ତତନ୍ତ ଶବ୍ଦକୋଷରେ ଏକ ନୂତନ ଡିଜାଇନ୍ ଦୃଷ୍ଟିକୋଣ ଆଣିଥାଏ । 'ବିଶ୍ୱ ସୂତ୍ର - ବିଶ୍ୱ ପାଇଁ ଭାରତର ବୁଣାକାର' ଭାରତୀୟ ହସ୍ତତନ୍ତର ଉତ୍କୃଷ୍ଟତାକୁ ପ୍ରତିପାଦିତ କରିଥିଲା, ଯାହାକୁ ୬୧ତମ ଫେମିନା ମିସ୍ ଇଣ୍ଡିଆର ଉଦଘାଟନୀ ରାଉଣ୍ଡରେ ୩୦ ଜଣ ରାଜ୍ୟ ବିଜେତାଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଗଣମାଧ୍ୟମକୁ ସମ୍ବୋଧିତ କରି, ବିକାଶ କମିଶନର (ହସ୍ତତନ୍ତ) ଡକ୍ଟର ଏମ୍. ବୀଣା ଭାରତର ସାଂସ୍କୃତିକ ପରିଚୟକୁ ବଜାୟ ରଖିବା, ଜୀବିକା ନିର୍ବାହକୁ ସମର୍ଥନ କରିବା ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗକୁ ସକ୍ଷମ କରିବାରେ ହସ୍ତତନ୍ତ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ସାମଲ
ଆବିର୍ଭାବ -୨୨/୦୧/୧୯୪୫
ତିରୋଧାନ -୧୯/୦୪/୨୦୨୬
ଜଗନ୍ନାଥପୁର, ବଡ଼ଚଣା, ଯାଜପୁର
..................................
ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, କର୍ତବ୍ୟନିଷ୍ଠା, ପରୋପକାର, ଆମକୁ ଦିଗ୍‌ଦର୍ଶନ ଦେଉ । ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
:: ଶୋକ ସନ୍ତପ୍ତ ::
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣି, ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ ।

# କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବଢ଼ିବ

ନୂଆଦିଲ୍ଲୀ: ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ନଜରରେ ରଖି ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ଚିନ୍ତା କରୁଛି । ଚଳିତ ବର୍ଷ ଜୁନ୍ ମାସରେ ଅଗରକରଙ୍କ କାର୍ଯ୍ୟକାଳ ଶେଷ ହେଉଛି । ହେଲେ ଏହାକୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ବଢ଼ାଇବାକୁ ବିସିସିଆଇ ଚିନ୍ତା କରୁଛି । ସଂପ୍ରତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ୩ଟି ଆଇସିସି ଟ୍ରଫି ଜିତିଛି । ୨୦୨୪ ଓ ୨୦୨୬ ଟ୍ୱେଂଟି-୨୦ ବିଶ୍ୱକପ୍ ଲଗାତାର ଜିତିବାର ଗୌରବ ପାଇବା ସହ ୨୦୨୫ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ହାତେଇଥିଲା । ଏଥିସହ ଭାରତ ଘରୋଇ ପରିବେଶରେ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ



ପହଂଚିଥିଲା । 'ଅଗରକରଙ୍କ ସମୟରେ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇଛି । ସେ ନିର୍ଭୀକ ଭାବେ ସାହସିକ ନିଷ୍ପତି ନେଉଛନ୍ତି । ତେଣୁ ବୋର୍ଡ ଚାହୁଛି ସେ ଦାୟିତ୍ୱ ଜାରି ରଖନ୍ତୁ । ଏହି ବିଷୟରେ ଚଳିତ ଆଇପିଏଲ୍ ଭିତରେ ବିସିସିଆଇ ଅଧିକାରୀମାନେ ତାଙ୍କ ସହ ଆଲୋଚନା କରିବେ'' ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳକୁ ଟ୍ୱେଂଟି-୨୦ ବିଶ୍ୱକପ୍ ବିଜେତା କରିଥିଲେ ମଧ୍ୟ ତାଙ୍କ ଅସ୍ଥିର ଫର୍ମକୁ ନେଇ ଚୟନକର୍ତ୍ତା ଚିନ୍ତାରେ ଅଛନ୍ତି । ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ତାଙ୍କ ନେତୃତ୍ୱରେ ଭାରତ ଖେଳିବ ନା ନୂଆ ଅଧିନାୟକ ଏବେଠୁ ପ୍ରସ୍ତୁତ କରିବ ଅଗରକରଙ୍କ ଲାଗି ବଡ଼ ପ୍ରଶ୍ନ ହୋଇଛି । ଜୁନ୍-ଜୁଲାଇରେ ଭାରତର ଆୟର୍ଲାଣ୍ଡ ଗସ୍ତ ସୂର୍ଯ୍ୟକୁମାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ । ତାଙ୍କ ନେତୃତ୍ୱ ଅପେକ୍ଷା ଚୟନକର୍ତ୍ତା ତାଙ୍କ ବ୍ୟାଟିଂ ଉପରେ ନଜର ରଖିବେ । ଏହି ଗସ୍ତ ପରେ ତାଙ୍କୁ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଦଳର ଅଧିନାୟକ ରଖାଯିବ କି ନାହିଁ ତାହା ବିଚାର କରାଯିବ ।

# ଆଇପିଏଲ - ୨୦୨୬ : ରାଜସ୍ଥାନକୁ ୪ ୱିକେଟରେ ହରାଇଲା କୋଲକାତା

ନୂଆଦିଲ୍ଲୀ : ଚଳିତ ଆଇପିଏଲରେ କୋଲକାତାର ପ୍ରଥମ ବିଜୟ । ରାଜସ୍ଥାନକୁ ୪ ୱିକେଟରେ ହରାଇଲା କୋଲକାତା । ୨ ବଲ ପୂର୍ବରୁ ୧୫୬ ରନର ବିଜୟ ଲକ୍ଷ୍ୟ ପୂରଣ କଲା କକଜ । ଦଳର ଉପଅଧିନାୟକ ରିଙ୍କୁ ସିଂହଙ୍କ ଦମଦାର ଅର୍ଦ୍ଧଶତକ ବଳରେ ଦଳ ଚାଖିଛି ଚଳିତବର୍ଷର ପ୍ରଥମ ବିଜୟ ସ୍ୱାଦ । ୩୪ ବଲରୁ ୫୩ ରନର ପାଳି ଖେଳିଛନ୍ତି ରିଙ୍କୁ । ତାଙ୍କ ସହ ଅନୁକୂଳ ରୟ ୧୬ ବଲରୁ ୩୯ ରନ କରି ଦଳର ବିଜୟ ପ୍ରମୁଖ ସାରଥୀ ପାଲଟିଛନ୍ତି । ୧୫୬ ରନକୁ ପିଛା କରୁଥିବାବେଳେ କୋଲକାତା ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରୁଥିଲା । ଦୁଇ ଓପନର ସେଫର୍ଟ ଏବଂ ରାହାଣେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ପରେ ରଘୁବଂଶୀ ଏବଂ ଗ୍ରୀନ କିଛି ସମୟ ଦଳର ସ୍କୋର ଆଗକୁ ବଢ଼ାଇଥିଲେ । ରଘୁବଂଶୀ ୧୯ ବଲରୁ ୧୦ ରନ୍ କରିଥିବାବେଳେ ଗ୍ରୀନ୍ ୧୩ ବଲରୁ ୨୭ ରନ କରିଥିଲେ । ରମଣଦୀପ ସିଂହ ୧୩



ବଲରୁ ୧୦ ରନ କରିଛନ୍ତି । ସେପଟେ ଜାଡେଜା ରାଜସ୍ଥାନ ପକ୍ଷରୁ ସର୍ବାଧିକ ୨ଟି ୱିକେଟ ନେଇଛନ୍ତି । ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା ରାଜସ୍ଥାନ ରାଜସ୍ଥାନ । ଦଳ ୯ ୱିକେଟ ହରାଇ ୧୫୫ ରନ୍ କରିଥିଲା । ଦଳର ଦୁଇ ଓପନର ଜୟସ୍ୱାଲ ଏବଂ ବେ ?ଭବ ସୂର୍ଯ୍ୟବଂଶୀ ଭଲ ଆରମ୍ଭ କରିଥିଲେ । ଜୟସ୍ୱାଲ ୩୯ ରନ କରିଥିବାବେଳେ ସୂର୍ଯ୍ୟବଂଶୀ ୪୬ ରନ କରିଛନ୍ତି । ଦଳର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପରାଗ ୧୨ ଏବଂ ହେଟମାୟାର ୧୫ କରିଥିଲେ । ଆଜିର ମ୍ୟାଚରେ ପୁଣି ବ୍ୟାଟିଂରେ ଫ୍ଲପ ହୋଇଛନ୍ତି ରବିନ୍ଦ୍ର ଜାଡେଜା । ସେ ୭ ବଲରୁ ୯ ରନ କରିବାରେ ସକ୍ଷମ ହୋଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**